## ମହୁମାଛି ଦଂଶନରେ ୩ ଗୁରୁତର

ପାପଡ଼ାହାଣ୍ଡି, ୨।୧୦(ସ୍ୱପ୍ନଜିତ ପଟ୍ଟନାୟକ)

ପାପଡ଼ାହାଣ୍ଡିରୁ ତଣ୍ଡାଗୁଡ଼ା ରାସ୍ତାର ଖରକ ଘାଟ ଜଙ୍ଗଲ ନିକଟରେ ମହୁମାଛି ଆକ୍ରମଣରେ ବୁଧବାର ୩ ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବୁଧବାର ସକାଳୁ ପାପଡ଼ାହାଣ୍ଡି ବ୍ଲକ ତୁମ୍ବର୍ଲା ୟୁଜିବି ବ୍ୟାଙ୍କ କ୍ୟାଶିୟର ଅନ୍ତର୍ଯାମୀ ତ୍ରିପାଠୀ, ତାଙ୍କ ଝିଅ ଅର୍ପନା ସୋରିଷପଦର ଯିବାବେଳେ ଖରକଘାଟ ଜଙ୍ଗଲ ନିକଟରେ ମହୁମାଛି ସେମାନଙ୍କୁ ଦଂଶନ କରିଥିଲା। ଏଥିରେ ସେମାନେ ଗୁରୁତର ହୋଇ ଦୌଡୁଥିବା ସମୟରେ ଏକ ପିକ୍‌ଅପ୍ ଭ୍ୟାନ୍ ଦେଖି ଅଟକିଥିଲା। ଗାଡ଼ି ଡ୍ରାଇଭର ସେମାନଙ୍କୁ ଉଦ୍ଧାରକରି ଡାକ୍ତରଖାନାରେ ରେ ଭର୍ତ୍ତି କରିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି। ସେହିପରି ସିଲକଗୁଡ଼ା ଗ୍ରାମର ଡମ୍ବରୁ ମାଝୀ କୌଣସି କାମରେ ପାପଡାହାଣ୍ଡି ଯାଉଥିଲେ। ଏହି ସମୟରେ ଖରକଘାଟ ଜଙ୍ଗଲ ନିକଟରେ ମହୁମାଛି ତାଙ୍କୁ ଆକ୍ରମଣ କରିଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାରକରି ପାପଡ଼ାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡମ୍ବରୁଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ସୂଚନା ମିଳିଛି।

## ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ତେନ୍ତୁଲିଖୁଣ୍ଟି, ୨।୧୦(ଚିଦାନନ୍ଦ ସାହୁ)

ତେନ୍ତୁଲିଖୁଣ୍ଟି ଗୌଡ଼କଷ୍ଟିଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ଗଣେଶ, ଗୋପବନ୍ଧୁ, ବିବେକାନନ୍ଦ, ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ନନ୍ଦାହାଣ୍ଡି ବ୍ଲକ୍ ଅଧ୍ୟକ୍ଷା ସୁମିତ୍ରା ମାଝୀ, ଉପାଧ୍ୟକ୍ଷ ସଦନ ଗୌଡ଼ ଓ ଜଗନ୍ନାଥପୁର ସରପଞ୍ଚ ବିଭୀଷଣ ଅମନାତ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୃଥୀରାଜ ପାଇକରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ପ୍ରବୀର ସାମଲ ନିଜସ୍ୱ ଉଦ୍ୟମ ଓ ଗ୍ରାମବାସୀଙ୍କ ସହଯୋଗରେ ସ୍କୁଲରେ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିଛନ୍ତ। ପ୍ରଧାନ ଶିକ୍ଷକଙ୍କ ଉଦ୍ୟମକୁ ବିଧାୟକ ପ୍ରଶଂସା କରିଛନ୍ତି। ବିଦ୍ୟାଳୟର ଯାହା ସମସ୍ୟା ରହିଛି ତା'ର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

# ସ୍ୱଚ୍ଛତା, ଅହିଂସା, ସତ୍ୟର ଆଶ୍ରୟ ନେବାକୁ ଆହ୍ୱାନ

## ଜିଲାସ୍ତରୀୟ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

ନବରଙ୍ଗପୁର,୨।୧୦(ସଦାଶିବ ପ୍ରହରାଜ)


ଅତିଥିଙ୍କ ସହ ପୁରସ୍କୃତ ହୋଇଥିବା କୃତୀ ପ୍ରତିଯୋଗୀ।

ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହରରେ ସକାଳ ୫ଟାରେ ରାମଧୁନ୍ ପରିବେଷଣ କରାଯାଇଛି। ପୂର୍ବାହ୍ନ ୯ଟା ରେ ସହରରେ ସ୍ଥାପିତ ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଡିଇଓ ଛତ୍ରପତି ସାହୁ, ଡିଏସଏସ୍‌ଓ ସୁଧାଂଶୁ ପାତ୍ର, ଅଶୋକ ଚୌଧୁରୀ, ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା, ପୌର ପରିଷଦ ସଭ୍ୟାସଭ୍ୟ ହାଇସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ସରକାରୀ ଅଧିକାରୀ, ସହରର ବିଶିଷ୍ଟ ବ୍ୟକ୍ତି, ଜନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

ଏହାପରେ ରାଜା ଚୈତନ୍ୟ ଦେବ ନୋଡାଲ ହାଇସ୍କୁଲରେ ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ କାର୍ଯ୍ୟକ୍ରମ କରାଯାଇଛି। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ପୌରାଧ୍ୟକ୍ଷ କୁନୁ ନାୟକ ସମ୍ମାନିତ ଅତିଥି, ବିଜୟ ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥଭାବେ ତହସିଲଦାର କୈଳାସ ତ୍ରିପାଠୀ, ଡିଏସ୍‌ଡବ୍ଲ୍ୟୁ ଦ୍ରୌପଦୀ କହଁର, ଆର୍‌ସିଡି ହାଇସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ସୁପ୍ରିୟା ନାୟକ, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗୀତ ଗୁରୁ ଯୁଗଳ ତ୍ରିପାଠୀଙ୍କ ଛାତ୍ରୀଛାତ୍ର 'ବୈଷ୍ଣବ ଜନକେ' ପରିବେଷଣ କରିଥିଲେ। ଗାନ୍ଧୀ ଜୟନ୍ତୀ ପୂର୍ବରୁ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବାକୁ ମୁଖ୍ୟ ଅତିଥି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ନବରଙ୍ଗପୁର ଜିଲାର ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଉପରେ ନିଜର ମତ ରଖିଥିଲେ। ସମ୍ମାନିତ ଅତିଥିମାନେ ଗାନ୍ଧୀ ଓ ଶାସ୍ତ୍ରିଜୀଙ୍କ ଜୀବନ ଦର୍ଶନକୁ ପଢ଼ି ନିଜ ଜୀବନରେ ସ୍ୱଚ୍ଛତା, ଅହିଂସା ଓ ସତ୍ୟର ଆଶ୍ରୟ ନେବାକୁ ଆହ୍ୱାନ ଦେଇଥିଲେ। ଗାନ୍ଧୀଙ୍କ ଆଦର୍ଶକୁ ନିଜ ଜୀବନରେ ଢାଳିବା ସହ ଦେଶପ୍ରୀତିକୁ ପାଥେୟ କରିବାକୁ ମୁଖ୍ୟବକ୍ତା କହିଥିଲେ। ଉଦ୍‌ଯାପନୀ ସଙ୍ଗୀତ 'ରଘୁପତି ରାଘବ' କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ ଧନ୍ୟବାଦ ଅର୍ପଣ କରିଥିଲେ। ଡିଆଇପିଆର୍‌ଓ ମନୋଜ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପରିବେଶକୁ ସ୍ୱଚ୍ଛ ରଖିବା ନେଇ ଶପଥ

### ଜୁନାପାଣିରେ ସ୍ୱତନ୍ତ୍ର ଗ୍ରାମସଭା

ଡାବୁଗାଁ, ୨।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ଜୁନାପାଣି ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜୁନାପାଣି ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ କରଯାଇଥିଲା। ସରପଞ୍ଚ ଦୟାନିଧି ଭତ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଅଧିକାରୀମାନେ ଶିଶୁ ଶିକ୍ଷା, ଅଧାରୁ ପାଠ ଛାଡିଥିବା ପିଲା, ଉନ୍ନତ ସ୍ୱାସ୍ଥ୍ୟ ଓ ପୋଷଣ, ମହିଳାଙ୍କ ସମସ୍ୟା ଓ ବୟସ୍କ ବ୍ୟକ୍ତିଙ୍କ ଅଭିଜ୍ଞତା ଉପରେ ଆଲୋଚନା ହୋଇଥିଲା। ଏଥିରେ ପଞ୍ଚାୟତର ଶ୍ରେଷ୍ଠ ବ୍ୟକ୍ତି ଦଇନୁ ପୂଜାରୀ, ଅନାଦି ପୂଜାରୀ ଓ କୁଶ ଗୌଡ଼, ଶ୍ରେଷ୍ଠ ଶିକ୍ଷକ ପୃଥୀବାସ ହରିଜନ, ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀ ବୀଣାପାଣି ଜେନା, ଶ୍ରେଷ୍ଠ ସ୍ୱାସ୍ଥ୍ୟକର୍ମୀ (ମହିଳା) ସୁପ୍ରିୟା ସ୍ୱାଇଁ, ଶ୍ରେଷ୍ଠ ଆଶାକର୍ମୀ ମନୋଜୀ ନାୟକ, ଶ୍ରେଷ୍ଠ ଏସ୍‌ଏଚ୍‌ଜି ଜଗତ ଜନନୀ ସ୍ୱୟଂ ସହାୟକ ଗୋଷ୍ଠୀ ରାବଣାଗୁଡା, ଶ୍ରେଷ୍ଠ ସିଆର୍‌ପି ଦଇମତି ଭତ୍ରା, ଶ୍ରେଷ୍ଠ ୱାର୍ଡ ସଭ୍ୟ ଧନପତି ଭତ୍ରା, ଶ୍ରେଷ୍ଠ ଖେଳାଳି ରମେଶ ଭତ୍ରା, ଶ୍ରେଷ୍ଠ ବନରକ୍ଷୀ କାର୍ତ୍ତିକ ମାଝିଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଡାବୁଗାଁ ବିଡିଓ ଶରତ ମାଝୀ, ଜିଲା ପରିଷଦ ଧନସିଂ ଭତ୍ରା, ଡାବୁଗାଁ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ଜୁନାପାଣି ସମିତି ସଭ୍ୟା ଚନ୍ଦ୍ର କଳା ଭତ୍ରା, ନାଏବ ସରପଞ୍ଚ ଲାୟନବତୀ ଭତ୍ରା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚନ୍ଦ୍ର ମୋହନ ବାଘ, ପଞ୍ଚାୟତ ନିର୍ବାହୀ ଅଧିକାରୀ ହଳଧର ଜାନୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଦକ୍ଷତା ବ୍ଲକ ସହଭାଗୀ ମୋନାଲ ପରିଡ଼ା ଓ ଅନ୍ୟମାନେ ପରିଚାଳନା କରିଥିଲେ। ପରିବେଶ ସ୍ୱଚ୍ଛ ରଖିବା ଓ ସଚେତନ କରିବା ନେଇ ଶପଥ ପାଠ କରାଯାଇଥିଲା।


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ଶପଥ ନେଉଛନ୍ତି।

## ରାସ୍ତା, ମନ୍ଦିର ସହ ବ୍ଲକ୍ ପରିସର ସଫେଇ

ଝରିଗାଁ/ ଡାବୁଗାଁ,୨।୧୦(କିଶୋର ଚନ୍ଦ୍ର ମଣ୍ଡଳ/ ପ୍ରଜ୍ଞାରଞ୍ଜନ ପରିଡ଼ା)


ଝରିଗାଁରେ ବଣିକ ସଂଘ ସଦସ୍ୟମାନେ ରାସ୍ତା ସଫା କରୁଛନ୍ତି।

ଝରିଗାଁ ବ୍ଲକ ବଣିକ ସଂଘ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ସମସ୍ତେ ବ୍ଲକ କାର୍ଯ୍ୟାଳୟରେ ଏକାଠି ହୋଇ ରାସ୍ତାର ଉଭୟ ପାର୍ଶ୍ୱ ଓ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ସଫା କରିଥିଲେ। ଦୋକାନ ପରିସର ସଫା ସୁତର ରଖିବା ପାଇଁ ବ୍ୟବସାୟୀଙ୍କୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତି ଅନୀଲ ଜୈନ, ଉପସଭାପତି ରମେଶ ପଟ୍ଟନାୟକ, ପପୁନ ମହାନ୍ତି, ସମ୍ପାଦକ ଅଲ୍ଲୀ ପ୍ରଧାନ, କୋଷାଧ୍ୟକ୍ଷ ବିଶ୍ୱମ୍ଭର ପାତ୍ର, ଉପଦେଷ୍ଟା ପରମା ପଣ୍ଡା, ପ୍ରଦୀପ ପଟ୍ଟନାୟକ, ଚମ୍ପାଲାଲ ଜୈନ,ପ୍ରଦୀପ ନାୟକ ପ୍ରମୁଖ ବ୍ୟବସାୟୀ ଉପସ୍ଥିତ ଥିଲେ। ଡାବୁଗାଁ ବ୍ଲକ ସଦରରେ ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟାଳୟ ପରିସର ଓ ଗାନ୍ଧୀ ପାର୍କ ସଫା କରାଯାଇଛି। ବିଡିଓ ଶରତ ମାଝୀ, ତହସିଲଦାର ହରିଓମ୍ ଭୋଇ, ବିଆର୍‌ସି ରଞ୍ଜନ ମହାକୁଡ଼, ଡାବୁଗାଁ ବ୍ଲକ କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ତେନ୍ତୁଲିଖୁଣ୍ଟି, ୨।୧୦(ଚିଦାନନ୍ଦ ସାହୁ)

ତେନ୍ତୁଲିଖୁଣ୍ଟି ବ୍ଲକ୍ ସଦରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ କରାଯାଇଛି। ବ୍ଲକ କର୍ମଚାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ବ୍ଲକ୍ କାର୍ଯ୍ୟାଳୟ ପରିସର, ସାମ୍ନା ରାସ୍ତା ଆଦି ସଫା କରିଥିଲେ। ବ୍ଲକ ଅଧ୍ୟକ୍ଷା ନୀଲେନ୍ଦ୍ରୀ ନାୟକ, ବିଡିଓ ମନୋଜ ପାଣିଗ୍ରାହୀ, ଏବିଡିଓ କୃପାସିନ୍ଧୁ ନାୟକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝି, କ୍ରାନ୍ତି ପଟ୍ଟନାୟକ, ବିକାଶ ବାରା, ବ୍ରଜକିଶୋର ମହାକୁଡ଼, ସନ୍ତୋଷ କାଡ୍ରାକା, ସିପି ଅଜିତ ମିଶ୍ର, ସ୍ୱଚ୍ଛ ଭାରତ ସଂଯୋଜକ ସିପୁନ ପ୍ରଧାନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କର୍ମଚାରୀ ପ୍ରକାଶ ସୁନା ପ୍ରମୁଖ ସାମିଲ ଥିଲେ।

## ପାପଡ଼ାହାଣ୍ଡିରେ ସ୍ୱତନ୍ତ୍ର ଗ୍ରାମସଭା

ପାପଡ଼ାହାଣ୍ଡି, ୨।୧୦(ସ୍ୱପ୍ନଜିତ ପଟ୍ଟନାୟକ)

ଗାନ୍ଧୀଜୟନ୍ତୀରେ ପାପଡ଼ାହାଣ୍ଡି ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଛି। ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା ମୁଖ୍ୟଅତିଥି, ସରପଞ୍ଚ ଚନ୍ଦ୍ରଶେଖର ମାଝୀ, ବିଡିଓ କପିଳଦେବ ସାହୁ, ଜିପିଓ ଅକ୍ଷୟ ପଟ୍ଟନାୟକ ଓ ପିରାମିଲ ସଂସ୍ଥା ସଦସ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ଶିକ୍ଷା ସ୍ୱାସ୍ଥ୍ୟ, ପୋଷଣ, କୃଷି ସହିତ ସର୍ବାଙ୍ଗୀନ ବିକାଶ ପାଇଁ କାର୍ଯ୍ୟ କରିବା, ଶିଶୁ, କିଶୋରୀ ବାଳିକା, ଗର୍ଭବତୀ ମହିଳା, ଗୁରୁଜନ, ବୟସ୍କ ଏବଂ ସମସ୍ତ ବର୍ଗର ଲୋକମାନଙ୍କର ଜୀବନ ଯାପନ କରିବା ପାଇଁ ପରିବେଶ ସୃଷ୍ଟି କରିବାକୁ ଅତିଥିମାନେ ମତ ଦେଇଥିଲେ। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ୭୫ ଚାରାରୋପଣ କରାଯାଇଥିଲା। ବରିଷ୍ଠ ନାଗରିକଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ପିଇଓ ମଙ୍ଗଳୁ ଭତରା, ଖଗେଶ୍ୱର ନିଆଲ, ପୂର୍ବତନ ପ୍ରଧାନ ଶିକ୍ଷକ ଈଶ୍ୱର ପଟ୍ଟନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ଗୁରୁଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।



# ଗାନ୍ଧିଜୀଙ୍କ ଆଦର୍ଶ, ଚିନ୍ତାଧାରା ଆପଣାଇବାକୁ ଆହ୍ୱାନ



ଜିଲାପାଳ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରୁଛନ୍ତି।



ଏନ୍‌ସିସି କ୍ୟାଡେଟ ଓ କଲେଜ ବିଦ୍ୟାର୍ଥୀଙ୍କ ଶୋଭାଯାତ୍ରା ।

## ଜିଲାସ୍ତରୀୟ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ପାଳିତ

**ରାୟଗଡ଼ା,୨।୧୦(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ାରେ ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ସୌଜନ୍ୟତାରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ପ୍ରମୋଦ ଉଦ୍ୟାନଠାରେ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଏହି ଅବସରରେ ସହରରେ ପ୍ରାତଃ ରାମଧୂନ୍ ପ୍ରଚାର ହୋଇଥିଲା। ସକାଳ ୭ଟା ୩୦ରେ ସ୍ଥାନୀୟ ଗଜପତି ଛକରୁ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସହିତ ଜିଲାସ୍ତରୀୟ ଅଧିକାରୀ, ୱାକର୍ସ କ୍ଲବ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ପଦଯାତ୍ରାରେ ବାହାରି ପ୍ରମୋଦ ଉଦ୍ୟାନ ପର୍ଯ୍ୟନ୍ତ ଯାଇଥିଲେ। ଜିଲାପାଳ ପାରୁଲ ପଟୱାରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ପୌରାଧ୍ୟକ୍ଷ ପି.ମହେଶ ପଟ୍ଟନାୟକ, ରାୟଗଡା ବ୍ଲକ ଅଧ୍ୟକ୍ଷ ଗୁଜି ହୁଇକା, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପାତ୍ର, ପୌର ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ସମେତ ଅନ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଗାନ୍ଧିଜୀଙ୍କ ଆଦର୍ଶ, ଚିନ୍ତାଧାରା ଆପଣାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପରେ ସେଠାରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଧର୍ମ ଗୁରୁ ନିଜ ନିଜର ଗ୍ରନ୍ଥ ପାଠ କରିଥିଲେ।

# ମହିଳାଙ୍କ ଆକାଉଣ୍ଟରୁ ୩୬ ହଜାର ଗାଏବ

**ଗୁଣପୁର,୨।୧୦(ପ୍ରଦୀପ କୁମାର ପାଢ଼ୀ)**



ସାଇବର ଠକେଇର ଶିକାର ହୋଇଥିବା ମହିଳା ।

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଚିନାସାରି ପଞ୍ଚାୟତ ପେରେଣ୍ଡା ଗ୍ରାମରେ ରହୁଥିବା ଜଣେ ମହିଳା ଡାସାରି ଶବରଙ୍କ ଆକାଉଣ୍ଟରୁ ୩୬ ହଜାର ୪୦୦ ଟଙ୍କା ଗାଏବ ହୋଇଯାଇଥିବା ମଙ୍ଗଳବାର ପୁଟାସିଂ ଥାନାରେ ଅଭିଯୋଗ ହୋଇଛି । ଏ ନେଇ ପୋଲିସ ସାଇବର ପୋର୍ଟାଲରେ ମଧ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ।

ଗୁଣପୁର ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ଡାସାରିଙ୍କ ଆକାଉଣ୍ଟ ରହିଛି। ଗତ ଜୁନ୍‌ରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ବାବଦରେ ଡାସାରିଙ୍କ ଆକାଉଣ୍ଟକୁ ୨ ଥରରେ ୧ ଲକ୍ଷ ୧୦ ହଜାର ଟଙ୍କା ଆସିଥିଲା। ଡାସାରି ଖାତାରୁ ୭୩ ହଜାର ଟଙ୍କା ପୂର୍ବରୁ ଉଠାଇଥିଲେ। ବଳକା ଟଙ୍କା ଆକାଉଣ୍ଟରେ ଜମା ହୋଇ ରହିଥିଲା। ସେପ୍ଟେମ୍ବରରେ ଡାସାରି ଟଙ୍କା ଉଠାଇବା ପାଇଁ ବ୍ୟାଙ୍କକୁ ଯାଇଥିଲେ। ତାଙ୍କ ଆକାଉଣ୍ଟରେ ଟଙ୍କା ନ ଥିବା ଜାଣିବାକୁ ପାଇଥିଲେ। ମହିଳା ଜଣକ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ଅଗଷ୍ଟ ୨୦ ରୁ ୨୫ ତାରିଖ ମଧ୍ୟରେ ୪ଥରରେ ଆକାଉଣ୍ଟରୁ ୩୬ ହଜାର ୪୦୦ ଟଙ୍କା ଉଠାଯାଇଥିବା ଜାଣିବାକୁ ପାଇଥିଲେ। ତାଙ୍କ ଆକାଉଣ୍ଟରୁ ଆଧାର କାର୍ଡ ମାଧ୍ୟମରେ ବାହାର ରାଜ୍ୟରେ ଟଙ୍କା ଉଠାଯାଇଥିବା ବ୍ୟାଙ୍କ କର୍ତ୍ତୃପକ୍ଷ କହିଥିଲେ। ଏହା ପରେ ମହିଳା ଜଣଙ୍କ ପୁଟାସିଂ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ପାଳିତ



କୋର୍ଟ ପରିସରରେ ସଫେଇ କରାଯାଉଛି।

**ଗୁଣପୁର,୨।୧୦(ପ୍ରଦୀପ କୁମାର ପାଢ଼ୀ)**

ଗୁଣପୁର କୋର୍ଟ ପରିସରରେ ବୁଧବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ବିଚାରପତି, ଓକିଲ ଏବଂ କୋର୍ଟର କର୍ମଚାରୀମାନେ ଉପସ୍ଥିତ ରହି କୋର୍ଟ ପରିସରକୁ ସଫେଇ କରିବା ସହ ସ୍ୱଚ୍ଛତା ବଜାୟ ରଖିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଡିଜେ ଶେଖ ମହମ୍ମଦ ଜ୍ୱାଇସି, ସବ୍‌ଜଜ୍‌ସନ୍ତୋଷ କୁମାର ମହାପାତ୍ର, ଏସ୍‌ଡିଜେଏମ୍ ବିଜୟଲକ୍ଷ୍ମୀ ମହାପାତ୍ର ଏବଂ ଜେଏମ୍‌ଏଫ୍‌ସି ପୁଣ୍ୟଶ୍ଳୋକ ଦାସ ଉପସ୍ଥିତ ଥିଲେ। ଏଥିସହ ଓକିଲ ସଂଘର ସଭାପତି ଦେବୀ ପ୍ରସାଦ ଆଚାର୍ଯ୍ୟ, ସମ୍ପାଦକ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ବରିଷ୍ଠ ଆଇନଜୀବୀ ଉମାଚରଣ ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ସାହୁଙ୍କ ସମେତ ବରିଷ୍ଠ ଏବଂ କନିଷ୍ଠ ଆଇନଜୀବୀମାନେ ଉପସ୍ଥିତ ରହିଥିଲେ।

# ଦାୟିତ୍ୱ ନେଲେ ରାୟଗଡ଼ାର ପ୍ରଥମ ମହିଳା ଏସ୍‌ପି ସ୍ୱାଥୀ



ଏସ୍‌ପି ସ୍ୱାଥୀ ଏସ୍ କୁମାର।

**ରାୟଗଡ଼ା,୨।୧୦(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାର ପ୍ରଥମ ମହିଳା ଏସ୍‌ପି ରୂପେ ବୁଧବାର ସ୍ୱାଥୀ ଏସ୍ କୁମାର ଯୋଗଦାନ କରିଛନ୍ତି। ବିଦାୟୀ ଏସ୍‌ପି ହରିଶ ବିସିଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଥିବା ରାୟଗଡ଼ା ଏସ୍‌ପି ହରିଶ୍‌ଙ୍କ କନ୍ଧମାଳ ଜିଲାକୁ ବଦଳି ହୋଇଥିବା ବେଳେ ଗଜପତି ଜିଲାରେ ଏସ୍‌ପି ଭାବେ କାର୍ଯ୍ୟରତ ସ୍ୱାଥୀ ଏସ୍ କୁମାର ରାୟଗଡ଼ା ବଦଳି ହୋଇ ଆସିଛନ୍ତି। ସ୍ୱାଥୀ ଦାୟିତ୍ୱ ଗ୍ରହଣ କରିବା ପରେ ଜିଲାରେ ମହିଳାଙ୍କ ସୁରକ୍ଷା ସହ ଆଇନ ଶୃଙ୍ଖଳାକୁ ପ୍ରାଥମିକତା ଦେବେ ବୋଲି ସେ ସୂଚନା ଦେଇଛନ୍ତି।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ସ୍ୱଚ୍ଛତା ପାଇଁ ଶପଥପାଠ



ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ସ୍ୱଚ୍ଛତା ନେଇ ଶପଥ ପାଠ କରାଯାଉଛି ।

**ଗୁଣପୁର,୨।୧୦(ପ୍ରଦୀପ କୁମାର ପାଢ଼ୀ)**

ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ କୁଳପତି ପ୍ରଫେସର ଏଭିଏନ୍‌ଏଲ୍ ଶର୍ମା ପୁଷ୍ପମାଲ୍ୟ ଅର୍ପଣକରି ଗାନ୍ଧୀଙ୍କ ଆଦର୍ଶ ଜୀବନ ଓ ଚିନ୍ତାଧାରାକୁ ଆପଣାଇବା ପାଇଁ ଉପଦେଶ ଦେଇଥିଲେ। ସ୍କୁଲ ଅଫ୍ ଇଞ୍ଜିନିୟରିଂ ଡିନ୍ ପ୍ରଫେସର ଏ.ବି. ଶ୍ରୀନିବାସ ରାଓ, ପରୀକ୍ଷା ନିୟନ୍ତ୍ରକ ଡ. ପି. ବିଜୟ କୁମାରଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟ, ପ୍ରଫେସର, ଅଧ୍ୟାପକ ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ। ଜାତୀୟ ସେବା ଯୋଜନାର ଆବାହକ ବାଣୀପ୍ରସାଦ ନାୟକ, ଘନିଷ୍ଠା ପୃଷ୍ଟି, ସଦସ୍ୟ ପ୍ରମୋଦ ରଞ୍ଜନ ପଣ୍ଡା, ଗୋପାଳକୃଷ୍ଣ ମହନ୍ତ, ଧୁମେଶ ମେହେର , ଡ. ନିଶିତ୍ ଦାସ, କ୍ରୀଡ଼ା ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୁଳପତିଙ୍କ ଦ୍ୱାର ସ୍ୱଚ୍ଛତା ପାଇଁ ଏକ ଶପଥପାଠ କରାଇଥିଲେ । ପରେ ସ୍ୱଚ୍ଛତା ନେଇ ଏକ ସଚେତନତା ରାଲି କ୍ୟାମ୍ପସରେ ଆୟୋଜନ କରାଯିବା ସହ କ୍ୟାମ୍ପସରେ ସଫେଇ କରାଯାଇଥିଲା।

# ଗ୍ରାମସଭାରେ ବୟୋଜ୍ୟେଷ୍ଠ, ଆଦର୍ଶ ଶିକ୍ଷକ ସମ୍ବର୍ଦ୍ଧିତ

**ପଦ୍ମପୁର,୨।୧୦(ପ୍ରଶାନ୍ତ କୁମାର କର)**

ପଦ୍ମପୁର ପଞ୍ଚାୟତ ସମିତି ନିକଟସ୍ଥ ବିଜୁ କଲ୍ୟାଣ ମଣ୍ଡପ ପରିସରରେ 'ପିରାମଲ ଫାଉଣ୍ଡେସନ' ସହଭାଗିତାରେ ଆୟୋଜିତ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଛି। ପଦ୍ମପୁର ପଞ୍ଚାୟତ ସରପଞ୍ଚ ପ୍ରକାଶ କୋଣ୍ଡାଗିରି, ପିଇଓ ଶ୍ୟାମ ସୁନ୍ଦର ପାଣିଗ୍ରାହୀ ଓ ବ୍ଲକ୍ ମିଶନ ଶକ୍ତି ସଂଯୋଜକ ସୁନୀଲ ମିଶ୍ରଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଦ୍ମପୁର ବିଡିଓ ଶିବ ପ୍ରସାଦ ପଟ୍ଟନାୟକ, ସମିତି ଅଧ୍ୟକ୍ଷା ମଣିମାଳା ଶବର, ପିରାମଲ ଫାଉଣ୍ଡେସନ ପ୍ରୋଗ୍ରାମ ସଂଯୋଜକ ନରେଶ ଶର୍ମା ଓ ପୂର୍ବତନ ସରପଞ୍ଚ ଜୟଶଙ୍କର ମିଶ୍ର କାର୍ଯ୍ୟକ୍ରମ ଉଦ୍‌ଘାଟିତ କରିଥିଲେ। ଏଥିରେ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଆଦର୍ଶ ଶିକ୍ଷକ ଭାବେ ଜିଲାସ୍ତରରେ ସମ୍ମାନିତ ହୋଇଥିବା ଦିଲୀପ କୁମାର କରଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏଥିସହ ଅବସରପ୍ରାପ୍ତ ଶିକ୍ଷକ ଦୁର୍ଲଭ ଶବର , ରମେଶ ପଣ୍ଡା, ଗୋପାଳ ଚନ୍ଦ୍ର ସାହୁ, ରାଧାକାନ୍ତ ପାଣିଗ୍ରାହୀ, ଗଙ୍ଗାଧର ପଣ୍ଡା, ଆର୍‌.ଜି. ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଉଦୟ ଚନ୍ଦ୍ର ସାହୁଙ୍କୁ ସମ୍ମାନିତ କରାଯାଇଥିଲା।



ଆଦର୍ଶ ଶିକ୍ଷକ ଦିଲୀପ କୁମାର କରଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଛି।

# ଗୁମୁଡ଼ା ଫାଣ୍ଡିର ନୂତନ କୋଠା ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ପୋଲିସ ଅଧିକାରୀ।

**ଗୁଡ଼ାରି,୨।୧୦(ପ୍ରମୋଦ କୁମାର ପତି)**

ଗୁଡ଼ାରି ଥାନା ଅଧୀନ ଗୁମୁଡ଼ା ଫାଣ୍ଡିର ନୂତନ କୋଠା ବୁଧବାର ଉଦ୍‌ଘାଟିତ ହୋଇଛି। ରାୟଗଡ଼ା ଜିଲା ପୂର୍ବତନ ଆରକ୍ଷୀ ଅଧୀକ୍ଷକ ହରିଶ୍ ବିଶି ଅତିଥି ଭାବେ ଯୋଗଦେଇ ଏହି ନୂତନ କୋଠାକୁ ଉଦ୍‌ଘାଟନ କରିଥିଲେ। ପୋଲିସର କର୍ତ୍ତବ୍ୟ ସମସ୍ତ ଜନସାଧାରଣଙ୍କୁ ସୁରକ୍ଷା ଯୋଗାଇଦେବା। କିନ୍ତୁ ପୋଲିସକୁ ଜନସାଧାରଣଙ୍କ ସହଯୋଗ ନିହାତି ଜରୁରୀ ବୋଲି ପୂର୍ବତନ ଏସ୍‌ପି ହରିଶ୍ ଅଭିଭାଷଣରେ କହିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଗୁଣପୁର ଏସ୍‌ଡିପିଓ ବାବୁଲି ନାୟକ, ଗୁଡ଼ାରି ଥାନା ଅଧିକାରୀ ସମର୍ପିତା ସ୍ୱାଇଁ, ଗୁଣପୁର ଥାନା ଅଧିକାରୀ ଉତ୍ତମ କୁମାର ସାହୁ, ଗୁମୁଡା ଫାଣ୍ଡି ଅଧିକାରୀ ବସନ୍ତ କୁମାର ବେହେରା ଏବଂ ସ୍ଥାନୀୟ ପୋଲିସ କର୍ମଚାରୀ, ସାଧାରଣ ଜନତା ଉପସ୍ଥିତ ଥିଲେ। ଗୁଡ଼ାରି ଥାନା ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହେଲାନି ବିଜେଡିର ଜନସମ୍ପର୍କ ଯାତ୍ରା

**ଗୁଣପୁର,୨।୧୦(ପ୍ରଦୀପ କୁମାର ପାଢୀ)**

ପ୍ରତିବର୍ଷ ଗାନ୍ଧୀ ଜୟନ୍ତୀରୁ ବିଜେଡିର ଜନ ସମ୍ପର୍କ ଯାତ୍ରା ଆରମ୍ଭ ହୋଇଥାଏ। ତେବେ ଚଳିତ ବର୍ଷ ରାୟଗଡ଼ା ଜିଲା ଗୁଣପୁରରେ ଏହି କାର୍ଯ୍ୟକ୍ରମ ହୋଇ ନ ଥିବା ଜଣାପଡ଼ିଛି। ଏପରି ବ୍ୟତିକ୍ରମ ଦଳୀୟ ଶୁଭେଚ୍ଛୁ ତଥା ହିତାକାଂକ୍ଷୀଙ୍କ ପାଇଁ ଏକ ଭିନ୍ନ ଆଲୋଚନାର ବିଷୟ ହୋଇଛି। ଦଳୀୟ ନେତା ହଠାତ୍ ଚାଲିଯିବା ଦଳୀୟ ମହଲରେ ଭିନ୍ନ ଆଲୋଚନାକୁ ଖୋରାକ ଯୋଗାଇଛି । ଦଳ ଏଠାରେ ନିଷ୍କ୍ରିୟ ହୋଇପଡିଥିବା ବେଳେ ନେତୃତ୍ୱ କିଏ ନେବ ତାହା ଏବେ ବିରାଟ ପ୍ରଶ୍ନ ପାଲଟିଛି। ଗତ ୪ ମାସ ପୂର୍ବରୁ ଦଳ ଏଠାରେ ଶକ୍ତିଶାଳୀ ଥିବାବେଳେ ନିର୍ବାଚନ ପରାଜୟ ଦଳୀୟ ନେତା ଏବଂ କର୍ମୀଙ୍କୁ ଖୁବ୍ ମର୍ମାହତ କରିଛି। ପୌର ପରିଷଦ, ବ୍ଲକ୍, ଜିଲା ପରିଷଦ, ଏମ୍‌ପି ଭଳି ସବୁଠାରେ ବିଜେଡିର ଦବ୍‌ଦବା ଥିବାବେଳେ ନିର୍ବାଚନରେ ଶୋଚନୀୟ ପରାଜୟ ନେତା ଏବଂ କର୍ମୀଙ୍କୁ ଶକ୍ତ ଧକ୍କା ଦେଇଥିବା ଆଲୋଚନା ହେଉଛି। ଏପରି ସ୍ଥିତିରେ କେତେଜଣ ନେତା ଏବଂ କର୍ମୀ ଦଳ ଛାଡ଼ି ଭାଜପା ମୁହାଁ ହୋଇଛନ୍ତି। ଯଦି ଦଳରେ ଏପରି ସ୍ଥିତି ରହେ ତେବେ କିପରି ସଙ୍ଗଠନ ଏଠାରେ ଚାଲିବ ଦଳୀୟ ନେତାଙ୍କ ପାଇଁ ଆତ୍ମସମୀକ୍ଷାର ସମୟ ହୋଇଛି ।

# ଗାନ୍ଧୀ ଜୟନ୍ତୀରେ ବିଭିନ୍ନ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

**ମୁନିଗୁଡ଼ା/ ବିଷମକଟକ,୨।୧୦**
**(ନନ୍ଦ କିଶୋର ପଟ୍ଟନାୟକ/ ପ୍ରସନ୍ନ କୁମାର ପଣ୍ଡା)**

ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ରାୟଗଡ଼ା ଜିଲାର ବିଭିନ୍ନ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ମୁନିଗୁଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ସରସ୍ୱତୀ ଶବରଙ୍କ ଅଧ୍ୟକ୍ଷତା ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଞ୍ଜନ କୁମାର ସାହୁଙ୍କ ସଂଯୋଜନାରେ ଗ୍ରାମସଭା ଆୟୋଜିତ ହୋଇଥିଲା। ଏଥିରେ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପରିମଳ ବ୍ୟବସ୍ଥା, ପିଡିଏସ୍, ଏମ୍‌ବିପିୱାଇ, ହରିଶ୍ଚନ୍ଦ୍ର ଯୋଜନା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେପ୍ଟେମ୍ବର ୧୭ରୁ ଚାଲୁ ରହିଥିବା 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ କର୍ମକ୍ଷେତ୍ରରେ ନିଜର କାର୍ଯ୍ୟଦକ୍ଷତା ପାଇଁ ଶିକ୍ଷୟିତ୍ରୀ ମମତା ପରିଡ଼ା, ମଞ୍ଜୁଲତା ପାତ୍ର, ଶିକ୍ଷକ ପ୍ରକାଶ ଚନ୍ଦ୍ର ମୁଦୁଲି ଓ ବି.ପି.ସାହୁକାରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତର ନାଏବ ସରପଞ୍ଚ ଚନ୍ଦ୍ରକଳା ଦୁବେ, ଆକାଉଣ୍ଟ ଅଫିସର ବବିତା କୁମାରୀ ମିଶ୍ର, ସମିତିସଭ୍ୟା ମମତା ପ୍ରାସ୍କା, ସମସ୍ତ ୱାର୍ଡ ସଭ୍ୟସଭ୍ୟା, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ସିଆର୍‌ପି, ଏମ୍‌ବିକେ, ସିଆର୍‌ସିସି ଓ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ। ପଞ୍ଚାୟତ ଯୋଗାଣ ସହାୟକ ବିପିନ ବଛା,ଦୟା ପାତ୍ର, ଏମବିକେ ପୁଷ୍ପଲତା ପାଣିଗ୍ରାହୀ, ମମତା ବାଡ଼ତିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ଓ ସହଯୋଗ କରିଥିଲେ ।

ସେହିପରି ବିଷମକଟକ ବ୍ଲକ୍ ଅନ୍ତର୍ଗତ ହାଟମୁନିଗୁଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତରେ କିପରି ଉନ୍ନତିମୂଳକ କାର୍ଯ୍ୟ କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହାଟମୁନିଗୁଡ଼ା ସରପଞ୍ଚ ନାରାୟଣ ତୁହିକା ଯୋଗଦେଇଥିଲେ। ହାଟମୁନିଗୁଡା ପଞ୍ଚାୟତର ୨୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ହାଟ ମୁନିଗୁଡ଼ା ପଞ୍ଚାୟତର ପିଇଓ ମଳୟ ନାୟକ ଓ ଏଡିଇଓ ପ୍ରଦିପ ମାଣ୍ଡାଙ୍ଗୀ ପରିଚାଳନା କରିଥିଲେ।



ମୁନିଗଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଚାଲିଥିବା ଗ୍ରାମସଭା।

# ଧାରଣାରେ ବସିଲେ ଇଚ୍ଛା ମୃତ୍ୟୁ ଆବେଦନକାରୀ ରାମୁଲୁ ଆମ୍ମା

**ରାୟଗଡ଼ା,୨।୧୦(ଆଶିଷ ରଞ୍ଜନ ପଣ୍ଡା)**

## ଅବସର ନେବାର ୯ ବର୍ଷ ପରେ ବି ମିଳୁନି ପେନସନ୍



ଜିଲା ଶିକ୍ଷାଧିକାରୀ, ବିଇଓ ରାମୁଲୁଆମ୍ମାଙ୍କ ସହିତ ଆଲୋଚନା କରୁଛନ୍ତି।

ଚାକିରିରୁ ଅବସର ନେବାର ୯ ବର୍ଷ ପରେ ମଧ ଅବସରକାଳୀନ ପ୍ରାପ୍ୟ ଓ ପେନସନ୍ ମିଳୁନି। ଗତ ସେପ୍ଟେମ୍ବର ୨ରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଆସି ଇଚ୍ଛା ମୃତ୍ୟୁ ପାଇଁ ଆବେଦନ କରିଥିଲେ ବୃଦ୍ଧା ଏସ.ରାମୁଲୁ ଆମ୍ମା । ତାଙ୍କ ସମସ୍ୟାର ସମାଧାନ ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲାପାଳ ପାରୁଲ ପଟାୱରି। ହେଲେ ବର୍ତମାନ ସୁଦ୍ଧା ତାଙ୍କ ସମସ୍ୟାର ସମାଧାନ ନ ହେବାରୁ ଶେଷରେ ନିରାଶ ହୋଇ ଗାନ୍ଧୀ ଜୟନ୍ତୀ ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି ଏସ୍.ରାମୁଲୁ ଆମ୍ମା । ସକାଳ ୧୦ରୁ ଧାରଣାରେ ବସିଥିବା ରାମୁଲୁ ଆମ୍ମା ଭୀଷଣ ବର୍ଷା ସତ୍ତ୍ୱେ ସେଠାରୁ ହଟି ନ ଥିଲେ । ତେବେ ଏ ନେଇ ଗଣମାଧ୍ୟମ ପକ୍ଷରୁ ସୂଚନା ପାଇ ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ, ଗୋଷ୍ଠୀ ଶିକ୍ଷାଧିକାରୀ ସୁଦୀପ୍ତ କୁମାର ଦାସ ଓ ଅନ୍ୟ କର୍ମଚାରୀ ଧାରଣାସ୍ଥଳରେ ପହଞ୍ଚି ରାମୁଲୁଙ୍କୁ ବୁଝାଶୁଝା କରିଥିଲେ। ତାଙ୍କ ପ୍ରାପ୍ୟ ଓ ପେନସନ ନ ମିଳିବା ଯାଏଁ ଧାରଣାରୁ ଉଠିବେ ନାହିଁ ବୋଲି ରାମୁଲୁ ଆମ୍ମା କହିଛନ୍ତି ।

ଘଟଣାରୁ ପ୍ରକାଶ, ଏସ୍. ରାମୁଲୁ ଆମ୍ମା ରାୟଗଡା ସହରର ଏକ୍ସବୋର୍ଡ ୟୁପି ସ୍କୁଲରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରି ଠିକ୍ ସମୟରେ ଅବସର ନେଇଛନ୍ତି। ୧୯୯୬ରେ ତାଙ୍କର ପେ-ଫିକ୍ସେସନ ହେବା ସହ ୭୫୦ ଟଙ୍କା ବେସିକ ଦରମାରେ ଚାକିରି କରିଥିଲେ । କିନ୍ତୁ ସରକାର କରିଥିବା ପରବର୍ତ୍ତି ପେ-ଫିକ୍ସେସନ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କରାଗଲା ନାହିଁ। ଏଥିପାଇଁ ସେ ଶିକ୍ଷା ନିର୍ଦ୍ଦେଶକଙ୍କୁ ୫ ଥର ଏବଂ ବିଭାଗୀୟ କମିଶନରଙ୍କୁ ମଧ ୩ ଥର ଚିଠି ଲେଖି ଅବଗତ କରାଇଛନ୍ତି। କିନ୍ତୁ କୌଣସି ସୁଫଳ ମିଳିଲାନାହିଁ। ଯଦ୍ୱାରା ୨୦୧୫ ଜୁନ୍ ୩୦ ତାରିଖରେ ଚାକିରିରୁ ଅବସର ନେବା ପରେ ପେନସନ ପାଇଁ ସମସ୍ୟା ଭୋଗୁଥିବା କହିଛନ୍ତି ରାମୁଲୁ ଆମ୍ମା। ଏ ନେଇ ଜିଲା ଶିକ୍ଷାଧିକାରୀ ନାୟକ କହିଛନ୍ତି, ରାମୁଲୁ ଆମ୍ମା ଏ ନେଇ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଉକ୍ତ ମାମଲାର ଶୁଣାଣି କରି ହାଇକୋର୍ଟ ସ୍କୁଲ ଓ ଗଣଶିକ୍ଷା ବିଭାଗ କମିଶନରଙ୍କୁ ଏହି ଘଟଣାର ସମାଧାନ କରିବାକୁ କହିଥିଲେ। ସ୍କୁଲ ଓ ଗଣଶିକ୍ଷା ବିଭାଗ କମିଶନର ଏ ନେଇ ବିଭାଗୀୟ ଚିଠି ନଂ ୨୪୮୪୦ରେ ଉଲ୍ଲେଖ କରିଛନ୍ତି, ରାମୁଲୁ ଆମ୍ମାଙ୍କ ଚାକିରି ସରକାରୀ ଏବଂ ସ୍ଥାୟୀ ନ ଥିଲା । ଉକ୍ତ ସ୍କୁଲର କର୍ମଚାରୀ ଆପନା ମାଣ୍ଡାଙ୍ଗିଙ୍କ ଅନୁପସ୍ଥିତି କାରଣରୁ ରାମୁଲୁଆମ୍ମାଙ୍କୁ ସ୍କୁଲ ତରଫରୁ ମାସିକ ୩୫ଟଙ୍କା ଦରମାରେ ରଖାଯାଇଥିଲା । ତେବେ ରାମୁଲୁଆମ୍ମାଙ୍କ ଚାକିରି ସମୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି ୟୁପି ସ୍କୁଲରେ ସରକାରଙ୍କ ପକ୍ଷରୁ ହୋଇ ନ ଥିଲା । ତେଣୁ ତାଙ୍କୁ କୌଣସି ପେନସନ ଲାଗୁ କରାଯାଇପାରିବ ନାହିଁ ବୋଲି କମିଶନର ଚିଠିରେ ଉଲ୍ଲେଖ କରିଛନ୍ତି ।

# ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ

ମାଲକାନଗିରି, ୨।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପ୍ରଶାସନ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟ ପରିସରରେ ୧୫୬ତମ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ତହସିଲଦାର ଲଳିତ ବାଘ, ଜିଲା ସମାଜ ମଙ୍ଗଳ ଅଧିକାରୀ ତେରେସ୍କଭା ମଲ୍ଲିକ, ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ ନାରାୟଣ ପଣ୍ଡା, ମୁଖ୍ୟ ବକ୍ତାଭାବେ ଡାକ୍ତର ଧନେଶ୍ୱର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ମହାତ୍ମା ଗାନ୍ଧୀ ବ୍ରିଟିଶ୍‌ମାନଙ୍କ ଦ୍ୱାରା ଭାରତୀୟ ସମାଜରେ ଦାସତ୍ୱର ଶୃଙ୍ଖଳ ଭାଙ୍ଗିବା ପାଇଁ ଅହିଂସା ମାର୍ଗ ଆପଣାଇଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ଅତିଥିମାନେ ଆହୁରି କହିଥିଲେ, ନିଜ ଆଖପାଖ ଯେପରି କି ଘର, ସ୍କୁଲ, ଅଫିସକୁ ପରିଷ୍କାର ରଖିବା। ଗରିବମାନଙ୍କୁ ସହଯୋଗ କରିବା ଆଦି ଛୋଟ ଛୋଟ ପ୍ରୟାସ କରି ଗାନ୍ଧୀଙ୍କ ଆଦର୍ଶକୁ ଅନୁସରଣ କରିପାରିବା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜବାହର ନବୋଦୟ ବିଦ୍ୟାଳୟ ଛାତ୍ରୀଛାତ୍ର ବୈଷ୍ଣବ ଜନତୋ ଓ ରଘୁପତି ରାଘବ ପରିବେଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ମନସ୍ୱୀ ସେଠୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସ୍ୱଚ୍ଛତା ଦିବସ ପାଳନ କରାଯାଇଥିଲା। ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅଧୀନରେ ଶ୍ରେଷ୍ଠ ଏମ୍‌ବିକେ, ସିଆର୍‌ପି ଓ ବିପିଏମ୍‌ଙ୍କ ସମେତ ବିଡିଓଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।


ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଅତିଥିମାନେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

## ବିଚାରପତି, ଆଇନଜୀବୀଙ୍କ ଦ୍ୱାରା ସଫେଇ


ବିଚାରପତି ଓ ଆଇନଜୀବୀମାନେ ସଫେଇ କରୁଛନ୍ତି।

ମାଲକାନଗିରି, ୨।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଓକିଲ ସଂଘ ପକ୍ଷରୁ ବୁଧବାର ସ୍ୱଚ୍ଛ ଭାରତ ଦିବସ ପାଳିତ ହୋଇଯାଇଛି। ସ୍ୱଚ୍ଛ ଭାରତ ଦିବସର ୧୦ ବର୍ଷ ପୂର୍ତ୍ତି ଅବସରରେ ଜିଲା ଓ ଦୌରା ଜଜ୍ ଅଦାଲତ ପରିସରରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଜିଲା ଜଜ୍ ଡ. ପ୍ରସନ୍ନ କୁମାର ପଣ୍ଡା, ଜିଲା ବାର ଆସୋସିଏଶନ ସଭାପତି ପ୍ରୀତପଲ ସିଂଙ୍କ ସମେତ ସମସ୍ତ ବିଚାରପତି ଓ ଆଇନଜୀବୀ ଯୋଗଦେଇ ଅଦାଲତ ପରିସର, ଜାତୀୟ ରାଜପଥ ଓ ମହାବିଦ୍ୟାଳୟର ରାସ୍ତାକଡ ଅଳଇଆ ଆବର୍ଜନା ସଫା କରିଥିଲେ। ଏଥିରେ ବରିଷ୍ଠ ଆଇନଜୀବୀ ମନୋଜ ସାହୁ, ବିଜୟ କୁମାର ମହାନ୍ତି, ଆଶୋକ କୁମାର ପଟ୍ଟନାୟକ, ଗୁପ୍ତେଶ୍ୱର ମହାପାତ୍ର, ଗୋପାଳକୃଷ୍ଣ ପଣ୍ଡା, ସାଗର ପାଣିଗ୍ରାହୀ, ଗିରିଜା ନନ୍ଦନ ପାଣିଗ୍ରାହୀ ଓ ବିଜୁ ସରକାରଙ୍କ ସମେତ ଆଦାଲତର ସମସ୍ତ କର୍ମଚାରୀ ଓ ଆଇନଜୀବୀ ଯୋଗ ଦେଇଥିଲେ ।

## ଅସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ କରିବାକୁ ପ୍ରତିନିଧିଙ୍କ ପରାମର୍ଶ

**ସ୍ୱତନ୍ତ୍ର ଗ୍ରାମସଭା**

ଚିତ୍ରକୋଣ୍ଡା, ୨।୧୦ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ଚିତ୍ରକୋଣ୍ଡା ପଞ୍ଚାୟତ ସଦରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ ସ୍ୱତନ୍ତ୍ର ଗ୍ରାମସଭା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ସରପଞ୍ଚ ହରିମୋହନ ଖିଲ, ସିଡିପିଓ ସ୍ୱର୍ଣ୍ଣପ୍ରଭା ଦାସ, ଜୀବିକା ମିଶନ ଅଧିକାରୀ ସୋମନାଥ କୁମ୍ଭାର, ପଞ୍ଚାୟତ ନିର୍ବାହୀ ଅଧିକାରୀ ସଞ୍ଜନା ମହାରଣା, ନୋଡାଲ ଅଧିକାରୀ ବିଶ୍ୱାଳ ଜୟସୋବାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ସ୍ୱତନ୍ତ୍ର ଗ୍ରାମସଭାରେ ପଞ୍ଚାୟତର ସମସ୍ତ ଜନସାଧାରଣ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ପଞ୍ଚାୟତରେ ପରିମଳ ବ୍ୟବସ୍ଥା, ରାସ୍ତାଘାଟ, ଚାରାରୋପଣ, ଆବାସ ଯୋଜନା, ବିଧବା, ବୃଦ୍ଧାବୃଦ୍ଧ ଭତ୍ତା, ପାନୀୟଜଳ ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା। ପଞ୍ଚାୟତର ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡିକୁ ତୁରନ୍ତ ଶେଷ କରିବାକୁ ଉପସ୍ଥିତ ଜନପ୍ରତିନିଧି ପରାମର୍ଶ ଦେଇଥିଲେ ।


କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

## ଭର୍ଚୁଆଲରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏକଲବ୍ୟ ଆବାସିକ ବିଦ୍ୟାଳୟ ଲୋକାର୍ପିତ



କାର୍ଯ୍ୟକ୍ରମରେ ବିଧାୟକ ମଙ୍ଗୁ ଖିଲ, ବିଧାୟକ ନରସିଂହ ମାଡକାମି ଓ ଅନ୍ୟମାନେ।

ଚିତ୍ରକୋଣ୍ଡା, ୨।୧୦ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ଚିତ୍ରକୋଣ୍ଡା ବ୍ଲକ ସଦରରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଭର୍ଚୁଆଲରେ ଏକଲବ୍ୟ ଆବାସିକ ବିଦ୍ୟାଳୟ ଲୋକାର୍ପିତ ହୋଇଛି। ଏହି ଅବସରରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଏବଂ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ସମନ୍ୱୟ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ଜୟଶ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାଭିମାନ ଅଞ୍ଚଳରେ ଶିକ୍ଷାର ବିକାଶରେ ଆହୁରି ଏକ ମାଇଲଖୁଣ୍ଟ ଯୋଡି ହେଲା ବୋଲି ଉଭୟ ବିଧାୟକ ପ୍ରକାଶ କରିବା ସହ କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ। ସ୍ୱାଭିମାନ ଅଞ୍ଚଳର ଅନେକ ଛାତ୍ରୀଛାତ୍ର ଶିକ୍ଷାଦାନରୁ ବିଭିନ୍ନ କାରଣରୁ ବଞ୍ଚିତ ହେଉଥିଲା ବେଳେ ଏହି ବିଦ୍ୟାଳୟ ନିଶ୍ଚିତ ଭାବେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଗ୍ରହଣ ପାଇଁ ଆକୃଷ୍ଟ କରିବା ସହ ଅଭିଭାବକମାନେ ସେମାନଙ୍କର ପିଲାଙ୍କ ଶିକ୍ଷାଦାନ ପାଇଁ ଇଚ୍ଛା କରିବେ ବୋଲି କହିଥିଲେ।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ବିଦ୍ୟୁତ୍ ବିଭାଗ କର୍ମଚାରୀ

ମାଲକାନଗିରି, ୨।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଟିପିଏସ୍‌ଓଡିଏଲ ପକ୍ଷରୁ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ସତୀଗୁଡାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ କରାଯାଇଥିଲା। ନିର୍ବାହୀ ଯନ୍ତ୍ରୀ ଆଶିଷ କୁମାର ଜେନା, ଏସ୍‌ଡିଓ କାର୍ତ୍ତିକ ଚନ୍ଦ୍ର ଦାଶ, କନିଷ୍ଠ ଯନ୍ତ୍ରୀ ପ୍ରଦେଶ ପ୍ରସାଦ ନାୟକ ଏବଂ ୫୦ରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ବିଭାଗ କର୍ମଚାରୀ ସଫେଇ କାର୍ଯ୍ୟ ସହ ଚାରାରୋପଣ କରିଥିଲେ। ପର୍ଯ୍ୟଟନସ୍ଥଳୀକୁ ପରିଭ୍ରମଣରେ ଆସିଥିବା ଶହ ଶହ ପର୍ଯ୍ୟଟକମାନଙ୍କୁ ଗାନ୍ଧୀ ଜୟନ୍ତୀରେ ସ୍ୱଚ୍ଛତା ହିଁ ସେବା, ପରିବେଶ ଏବଂ ବିଦ୍ୟୁତ୍ ବ୍ୟବହାର ସମ୍ପର୍କରେ ସଚେତନ କରିଥିଲେ। ଉପଭୋକ୍ତାମାନେ ବିଦ୍ୟୁତ୍ ବ୍ୟବହାର ସମୟରେ କିପରି ସତର୍କତା ଅବଲମ୍ବନ କରିବେ ସେ ସମ୍ପର୍କରେ ସଚେତନ କରାଯାଇଥିଲା। ବିଦ୍ୟୁତ୍ ବିଭାଗର ଏପରି କାର୍ଯ୍ୟକୁ ପର୍ଯ୍ୟଟନ ସ୍ଥଳକୁ ଆସିଥିବା ପର୍ଯ୍ୟଟକମାନେ ପ୍ରଶଂସା କରିଥିଲେ ।


ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଟିପିଏସ୍‌ଓଡିଏଲ କର୍ମଚାରୀ।

## ବଜ୍ରପାତରେ ୧୫ ଗୃହପାଳିତ ପ୍ରାଣୀ ମୃତ

ବୈପାରୀଗୁଡା, ୨।୧୦ (କଳ୍ପତରୁ ମହାନ୍ତି)– ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଚନ୍ଦ୍ରପଡା ପଞ୍ଚାୟତର ପିପଲଗୁଡା ଗ୍ରାମରେ ବଜ୍ରପାତରେ ୧୫ ଗୃହପାଳିତ ପ୍ରାଣୀ ମରିଥିବା ଜଣାପଡ଼ିଛି। ବୁଧବାର ଗାଁର ଜଣେ ମହିଳା ଗୋରୁପଲଙ୍କୁ ଧରି ଚରାଉଥିବା ବେଳେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ମହିଳା ଜଣକ ଅଳ୍ପକେ ବର୍ତ୍ତି ପାଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। କ୍ଷତିଗ୍ରସ୍ତ ଗୋପାଳଙ୍କୁ ସରକାରୀ ସହାୟତା ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ଜୟପୁର, ୨।୧୦ (ପବନ ପାଣିଗ୍ରାହୀ)– ଜୟପୁରରେ ମିସ୍ତ୍ରି ଭାବେ କାମ କରୁଥିବା ଜଣେ ଯୁବକଙ୍କ ଅସ୍ୱାଭାବିକ ଭାବେ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ ନୟାଗଡ଼ ଜିଲାର ତ୍ରିଲୋଚନ ପ୍ରଧାନ(୨୭)। ତ୍ରିଲୋଚନ ୧୫ ଦିନ ତଳେ ଜୟପୁରକୁ ମିସ୍ତ୍ରି କାମ କରିବାକୁ ଆସିଥିଲେ। ମଙ୍ଗଳବାର ଛାତିରେ ଯନ୍ତ୍ରଣା ହେବାରୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଜୟପୁର ଟାଉନ ପୋଲିସ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ରମଣିରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଜୟପୁର, ୨।୧୦ (ପବନ ପାଣିଗ୍ରାହୀ)– ଜୟପୁର ଡୁମୁରିଗୁଡ଼ାରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଜୟପୁର ସମ୍ବାରକୋଟାର ସୁଶାନ୍ତ କୁମାର ପୂଜାରୀ(୨୨)। ସମ୍ବାରକୋଟାରୁ ସୁଶାନ୍ତ ଏକ ବାଇକ୍‌ରେ କୁନ୍ଦୁରା ଯାଉଥିବା ବେଳେ ଡୁମୁରିଗୁଡ଼ା ନିକଟରେ ଭାରସାମ୍ୟ ହରାଇ ପଡିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଦୁର୍ଘଟଣା ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଜୟପୁର ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

## ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ଲୋକେ

**ଗ୍ରାମସଭାରେ ପହଞ୍ଚିଲେନି ପିଇଓ**

ଦଶମନ୍ତପୁର, ୨।୧୦ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଦୁଆରଶୁଣି ପଞ୍ଚାୟତରେ ବୁଧବାର ଗ୍ରାମସଭା ହେବାର ଥିଲା। କିନ୍ତୁ ପିଇଓ ନ ପହଞ୍ଚିବାରୁ ପଞ୍ଚାୟତ କାର୍ଯ୍ୟାଳୟରେ ଲୋକେ ତାଲା ପକାଇଥିବା ଅଭିଯୋଗ ହୋଇଛି। ଗାନ୍ଧୀ ଜୟନ୍ତୀରେ ଗ୍ରାମାଞ୍ଚଳର ବିକାଶପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରି ଗ୍ରାମସଭାରେ ଆଗତ କରାଯାଇଥାଏ। ସ୍ଥାନୀୟ ସରପଞ୍ଚ ଭୁବନ ଜାନୀଙ୍କ ନେତୃତ୍ୱରେ ଦୁଆରଶୁଣି ପଞ୍ଚାୟତବାସୀଙ୍କୁ ନେଇ ଗ୍ରାମସଭା ହୋଇଥିଲା। ବିଭିନ୍ନ ଗାଁର ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀ କାର୍ଯ୍ୟ ଖସଡା ଗୃହୀତ ପାଇଁ ତାଲିକା ପ୍ରସ୍ତୁତ କରିଥିଲେ। ହେଲେ ସ୍ଥାନୀୟ ପଞ୍ଚାୟତର ପିଇଓ ବୈଠକରେ ଯୋଗଦେବାର ବିଳମ୍ବ ହେବାରୁ କେତେକ ଲୋକେ ଉତ୍ତ୍ୟକ୍ତ ହୋଇ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ଲୋକେ ପିଇଓଙ୍କୁ ବହୁ ସମୟ ଅପେକ୍ଷା କରିଥିଲେ, କିନ୍ତୁ ତାଙ୍କ ଆସିବାରେ ବିଳମ୍ବ ହେବା ଯୋଗୁ ତାଲା ପକାଇଥିବା ସୁଧୀର ଚେଟ୍ଟୀ, ସଦୟ ବାଘ ଓ ନିର୍ମଳ ମୁଦୁଲି କହିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଭୁବନ ଜାନୀଙ୍କୁ ପଚାରିବାରୁ ଦୁଇ ପଞ୍ଚାୟତ ଦାୟିତ୍ୱରେ ଜଣେ ପିଇଓ ରହିଛନ୍ତି। ତାଙ୍କ ମୂଳ ପଞ୍ଚାୟତ ଗିର୍ଲିଗୁମାରେ ଗ୍ରାମସଭା ସାରି ଦୁଆରଶୁଣିକୁ ଆସି ଗ୍ରାମସଭା କରିଥାନ୍ତେ ବୋଲି ସେ କହିଛନ୍ତି। ଜଟିଆଗୁଡାର ମୁରାନ ନଦୀ ଡ୍ୟାମରେ ଡଙ୍ଗା ଅଚଳହୋଇ ଯାତାୟାତ ବନ୍ଦ ହୋଇଯିବାରୁ ବିକାଶରେ ବାଧା ହେଉଥିବା ସରପଞ୍ଚ କହିଛନ୍ତି। ତେଣୁ ପିଇଓ ଗିର୍ଲିଗୁମା ପଞ୍ଚାୟତରେ ଗୋଟିଏ ଦିନ ଓ ଅନ୍ୟ ଦିନ ଦୁଆରଶୁଣି ପଞ୍ଚାୟତରେ କାମ କରିଥାନ୍ତି। ଏ ସମ୍ପର୍କରେ ପିଇଓ ଯଦୁନାଥ ହିଆଲଙ୍କ ମତାମତ ପାଇଁ କଲ୍ କରିଥିବା ବେଳେ ଫୋନ ସଂଯୋଗ ନ ହେବାରୁ ପ୍ରତିକ୍ରିୟା ମିଳିପାରି ନାହିଁ। ବ୍ଲକ ପ୍ରଶାସନ ସମସ୍ୟାର ସମାଧାନ ନ କଲେ ଅନିର୍ଦ୍ଦିଷ୍ଟ କାଳ ଯାଏ ତାଲା ପଡିବ ବୋଲି ଲୋକେ ଚେତାବନୀ ଦେଇଛନ୍ତି।


ଲୋକେ ତାଲା ପକାଇ ପ୍ରତିବାଦ କରୁଛନ୍ତି।

## ସଡ଼କ ଦୁର୍ଘଟଣାରେ ନାବାଳକ ମୃତ

ସେମିଳିଗୁଡ଼ା/ସୁନାବେଡ଼ା, ୨।୧୦
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ସେମିଳିଗୁଡ଼ା ନାଲ୍‌କୋ ଛକ ପେଟ୍ରୋଲ ପମ୍ପ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ନନ୍ଦପୁର ବ୍ଲକ ବନମାଳୀପୁର ପଞ୍ଚାୟତ ଅଧୀନ ଲମନ୍ଦା ଗାଁର ଯଶୋବନ୍ତ ମଣ୍ଡଳ ନାୟକଙ୍କ ପୁଅ ବିଶ୍ୱରଞ୍ଜନ ମଣ୍ଡଳ ନାୟକ(୧୭)। ସୂଚନା ଅନୁଯାୟୀ ବିଶ୍ୱରଞ୍ଜନ ତାଙ୍କ ହୋଣ୍ଡା ବାଇକ୍(ଓ ୧୦ ଇ ୩୯୪୪)ରେ ନନ୍ଦପୁର ଅଞ୍ଚଳରୁ କୌଣସି କାମରେ ସେମିଳିଗୁଡ଼ା ନାଲ୍‌କୋ ଛକ ଆଡକୁ ଯାଉଥିବା ବେଳେ ସାମ୍ନାରୁ ଆସୁଥିବା ଏକ ଅଲ୍ଟୋ କାର୍(ଏପି୩୧ବି ଜେଡ୍ –୫୫୯୨)କୁ ଧକ୍କା ଦେଇଥିଲେ। ସେହି ଦିଗକୁ ଯାଉଥିବା ଏକ ଟିପ୍ପର(ଓଆର୍୧୬–୩୩୫୩) ପଛ ଚକା ତଳେ ପଡ଼ିଯାଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସେମିଳିଗୁଡ଼ା ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ଓ ସହକର୍ମୀ ମୃତଦେହ ଜବତ କରିଥିଲେ। ସେମିଳିଗୁଡ଼ା ଥାନାରେ ୧୧୪/୨୪ରେ ମାମଲା ରୁଜୁକରି ଦୁର୍ଘଟଣାଗ୍ରସ୍ତ ସମସ୍ତ ଗାଡ଼ି ଜବତ କରାଯାଇଛି। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ଏଏସ୍ଆଇ ବିରଞ୍ଚି ନାରାୟଣ ବାଣୁଆ ତଦନ୍ତ ଦାୟିତ୍ୱରେ ଥିବା ସେମିଳିଗୁଡ଼ା ଥାନା ଅଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି।

## ଜିଲା ଭିତ୍ତିକ ନିଯୁକ୍ତିକୁ ନେଇ ଦୋଷ ଲଦାଲଦି ହେଉଛନ୍ତି ନେତା

କୋରାପୁଟ, ୨।୧୦
(ଅମିତାଭ ବେହେରା)

ଜିଲାଭିତ୍ତିକ ନିଯୁକ୍ତି ଦାବିରେ ଜିଲା ମିଳିତ କ୍ରିୟାନୁଷ୍ଠାନ କମିଟି ୪ ତାରିଖରେ ବନ୍ଦ ଡାକରା ଦେଇଛି। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅଖଚକ, ଦୋକାନବଜାର, ସରକାରୀ ଅଫିସ ଏବଂ ସ୍କୁଲ ଓ କଲେଜ ବନ୍ଦ ରହିବ ବୋଲି ସୂଚନା ମିଳିଛି। ରାଜ୍ୟ ସରକାର ଯଦି ଦାବି ପୂରଣ ନ କରନ୍ତି ତେବେ ଆଇନକୁ ହାତକୁ ନେବାକୁ ବାଧ୍ୟ ହେବୁ ବୋଲି କଂଗ୍ରେସ ନେତା ରୂପକ ତୁରୁକ କହିଛନ୍ତି। ଜିଲା ଭିତ୍ତିକ ନିଯୁକ୍ତିକୁ ନେଇ ଦୋଷ ଲଦାଲଦି ହେଉଛନ୍ତି ରାଜନୈତିକ ଦଳର ନେତା।

କୋରାପୁଟ ବିଧାୟକ ରଘୁରାମ ମାଛ ଏହି ବନ୍ଦ ଡାକରାକୁ ନେଇ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି। ବିଗତ ସରକାରଙ୍କ କଳା ନିୟମ ଯୋଗୁ ପିଲାମାନେ ଛନ୍ଦି ହୋଇଛନ୍ତି। ଆନ୍ଦୋଳନ ନୁହେଁ ବରଂ ଜିଲା ଭିତ୍ତିକ ନିଯୁକ୍ତି ପାଇଁ ଆଇନ ପ୍ରଣୟନ ହେବା ଦରକାର ବୋଲି ସେ କହିଛନ୍ତି। ସେହିପରି ଜିଲା ବିଜେଡି ପୂର୍ବତନ ସଭାପତି ତଥା ବିଜେଡି ବରିଷ୍ଠ ନେତା ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ କହିଛନ୍ତି ବିଜେଡି ଏହି ଜିଲା ଭିତିକ ନିଯୁକ୍ତିକୁ ନେଇ ହେବାକୁ ଥିବା ବନ୍ଦ ଡାକରାକୁ ସମର୍ଥନ କରି। କୋରାପୁଟ ପୂର୍ବତନ ବିଧାୟକ ରଘୁରାମ ପଡାଲଙ୍କୁ ପଚରାଯିବାରୁ ଭାଜପା ନିର୍ବାଚନ ସମୟରେ ଜିଲାଭିତିକ ନିଯୁକ୍ତିକୁ କଡ଼ାକଡ଼ି କରାଯାଇ ଜିଲାର ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପୂରଣ କରିବାକୁ ଏବେ ପଛଘୁଞ୍ଚା ଦେଉଛି ବୋଲି କହିଛନ୍ତି।

ପ୍ରକାଶ ଯେ, ଗତ ୫୫ ତମ ଜିଲା ପରିଷଦ ବୈଠକରେ ଜିଲାଭିତ୍ତିକ ନିଯୁକ୍ତି ନେଇ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଦାବି କରିଥିଲେ। ପରେ କଂଗ୍ରେସ ବିଧାୟକମାନେ ଏହାକୁ ସମର୍ଥନ କରିଥିଲେ। ଏପରି ନ ହେଲେ ଜିଲାରେ ବ୍ୟାପକ ଆନ୍ଦୋଳନ କରାଯିବା ନେଇ ସତର୍କ କରାଇଥିଲେ। ଜିଲାଭିତ୍ତିକ ନିଯୁକ୍ତି ନେଇ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୨ ଦିନ ତଳେ ବୈଠକ କରାଯାଇଥିଲା। ୪ ତାରିଖରେ ଜିଲାରେ ୧୨ ଘଣ୍ଟିଆ ବନ୍ଦ କରିବାକୁ ସେଠାରେ ନିଷ୍ପତ୍ତି ନିଆଯାଇଥିଲା। ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ତଥା ଜିଲା ଆଦିବାସୀ ମହାସଂଘ ସଭାପତି ଶିବ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କଂଗ୍ରେସ ଯୁବ ନେତା ରୂପକ ତୁରୁକ, ଆଦିବାସୀ ନେତା ପଦ୍ମନାଭ ଜାନୀ, ଜଗନ୍ନାଥ ହନ୍ତାଲ, ସାମାଜିକ କର୍ମୀ ମନସ୍ୱିନୀ ଟାକ୍ରୀ, ବୈକୁଣ୍ଠ ମଣ୍ଡଳଙ୍କ ସହ ଅନ୍ୟ ସଭ୍ୟା ସଭ୍ୟ ଉପସ୍ଥିତ ଥିଲେ।

## ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କ ଦାୟିତ୍ୱ ଗ୍ରହଣ



କୋରାପୁଟ, ୨।୧୦ (ଅମିତାଭ ବେହେରା)

କୋରାପୁଟଠାରେ ଦକ୍ଷିଣପଶ୍ଚିମାଞ୍ଚଳ ଡିଆଇଜି ଭାବେ ଆଇପିଏସ୍ ଅଫିସର ନିତିଶ ଶେଖର ବୁଧବାର ପୂର୍ବତନ ଡିଆଇଜି ଚରଣ ସିଂ ମୀନାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଡିଆଇଜିଙ୍କୁ କାର୍ଯ୍ୟାଳୟରେ ପୋଲିସ ଉଚ୍ଚପଦସ୍ଥ ଅଧିକାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଦକ୍ଷିଣପଶ୍ଚିମାଞ୍ଚଳ ରେଞ୍ଜ ଅଧୀନରେ ଥିବା ୮ ଜିଲାରେ ଶାନ୍ତି ଶୃଙ୍ଖଳା ରକ୍ଷା, ଗୋଇନ୍ଦା ବିଭାଗକୁ କଡ଼ାକଡ଼ି କରିବା, ଜନସାଧାରଣ, ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସମସ୍ତ ସୁବିଧା ଓ ଅସୁବିଧା ପ୍ରତି ଦୃଷ୍ଟି ଦେବି ବୋଲି ନୂତନ ଡିଆଇଜି କହିଛନ୍ତି।

## ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ

ଦଶମନ୍ତପୁର, ୨।୧୦ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ସଦର ପଞ୍ଚାୟତସ୍ଥିତ କଲେଜ ଖେଳ ପଡ଼ିଆରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅନୁପସ୍ଥିତିରେ ସ୍ଥାନୀୟ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁଟା ଯୋଗଦେଇ ଆଦର୍ଶ ଆବାସିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଉପ ଜିଲାପାଳ ବେଣୁଧର ଶବର, ପିଏ ଆଇଟିଡିଏ ତପନ କୁମାର ନାୟକ, ଡିଡବ୍ଲୁଇଓ ସୁନୀଲ କୁମାର ଟାଣ୍ଡେ, ଅତିରିକ୍ତ ତହସିଲଦାର ଜଗୁ ପୂଜାରୀ, ସ୍ଥାନୀୟ ଥାନା ଅଧିକାରୀ ସୁକୁମା ହାଁସଦା, ଏଡିଡବ୍ଲୁଇଓ ଦିବ୍ୟରଞ୍ଜନ ବିଶ୍ୱାଳ, ଟେକ୍ନିକାଲ ଅଧିକାରୀ ବିଶ୍ୱରଞ୍ଜନ ଭୁକ୍ତା, ସଚ୍ଚିଦାନନ୍ଦ ସାମନ୍ତରାୟ, ଦଶମନ୍ତପୁର ସହକାରୀ ଯନ୍ତ୍ରୀ ଅଭିଷେକ ଷଡ଼ଙ୍ଗୀ, ବ୍ଲକ ଉପାଧ୍ୟକ୍ଷ ଅରୁଣ ଚେଟି, ଏମ୍‌ପି ପ୍ରତିନିଧି ପଙ୍କଜ ବାଘଙ୍କ ସହ ୧୬ ପଞ୍ଚାୟତର ସମିତି ସଭ୍ୟାସଭ୍ୟ, ସରପଞ୍ଚ ଓ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିବା ବେଳେ ଏହି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଭିଡିଓ ମାଧ୍ୟମରେ ଉପସ୍ଥିତ ଜନସାଧାରଣ ଓ ଅଭିଭାବକମାନଙ୍କୁ ଆଲୋକପାତ କରାଇଛନ୍ତି।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ଜିଲାସ୍ତରୀୟ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

**କୋରାପୁଟ, ୨।୧୦ (ଅମିତାଭ ବେହେରା)**

କୋରାପୁଟ ସଦର ମହକୁମାରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜିଲାସ୍ତରୀୟ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି କୋରାପୁଟ ବିଧାୟକ ରଘୁରାମ ମାଛ କୁକୁଡା ଫାର୍ମ ନିକଟସ୍ଥ ଶାସ୍ତ୍ରୀ ଓ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଗାନ୍ଧୀ ପାର୍କରେ ସ୍ଥାପିତ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ବିଭିନ୍ନ ବିଦ୍ୟାଳୟରେ ହୋଇଥିବା ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କୋରାପୁଟ ଜିଲାପାଳ ଭି.କୀର୍ତ୍ତି ଭାସନ, ଦିଲୀପ ପାଢୀ, ଜାକିର ହୁସେନ, ବିରଞ୍ଚି ଖୋସଲା, ଜିଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଅତିରିକ୍ତ ଜିଲାପାଳ ଲମ୍ବୋଦର ରାଉତ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବାଶିଷ ପଟ୍ଟନାୟକ, କୋରାପୁଟ ଉପ ଜିଲାପାଳ ବେଣୁଧର ଶବର, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, କୋରାପୁଟ ଉପଖଣ୍ଡ ପୋଲିସ ଅଧିକାରୀ ଶ୍ରାବଣୀ ନାୟକ, ପୌର ନିର୍ବାହୀ ଅଧିକାରୀ ଦୂତିକୃଷ୍ଣ ପାତ୍ର, ପୂର୍ବତନ ବିଧାୟକ ନିମାଇଁ ସରକାର, କଂଗ୍ରେସ ନେତା ରୂପକ ତୁରୁକ, ରବି ଶତପଥି ଓ ମନୋଜ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶୀସା ପରିଚାଳନା କରିଥିଲେ। ସେହିପରି ଭାରତୀୟ ଜନତା ପାର୍ଟି ତଥା ପଟ୍ଟାଙ୍ଗି ମଣ୍ଡଳ ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଶାନ୍ତି ଦୂତ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ବିଧାୟକ ପାର୍ଥ ତଥା ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀର ସଂଯୋଜକ ଚୈତନ୍ୟା ନନ୍ଦୀ ବାଲି ଓ ଜିଲା ସମ୍ପାଦକ ବଳରାମ ବାରିକଙ୍କ ଉପସ୍ଥିତରେ ମିନି ଷ୍ଟାଡିୟମରେ ପାଳିତ ହୋଇଥିଲା। ମଣ୍ଡଳ କର୍ମକର୍ତ୍ତା ଓ ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଜୟପୁର ଉପଖଣ୍ଡ ପ୍ରଶାସନ ଏବଂ ଜିଲା କଂଗ୍ରେସ ଭବନରେ ମଧ୍ୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି। ଜୟପୁର ଉପ ଜିଲାପାଳ ଆକ୍କାବରମ ଶସ୍ୟା ରେଡ୍ଡୀ, ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ, ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି, ଏସଡିପିଆରଓ ଯୋଶଦା ଗାଦବା ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାସ୍ତରୀୟ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ କାର୍ଯ୍ୟକ୍ରମରେ ଜିଲାପାଳ, କୋରାପୁଟ ବିଧାୟକଙ୍କ ସହ ଅନ୍ୟ ଅତିଥିମାନେ।

# ମୋ ଭାରତ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ


ଆବର୍ଜନା ସଫା କରାଯାଉଛି।

**ମାଲକାନଗିରି, ୨।୧୦ (ଦୁର୍ଯ୍ୟୋଧନ ପାତ୍ର)**

ସ୍ୱଚ୍ଛତା ହିଁ ସେବାପକ୍ଷ ପାଳନ ଅବସରରେ ମାଲକାନଗିନରି ଜିଲା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ମୋ ଭାରତ, ବିଦ୍ୟାଳୟ ଏନ୍‌ଏସ୍‌ଏସ୍ ଓ ଯୁବ ରେଡ୍‌କ୍ରସ୍ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନେହେରୁ ଯୁବକେନ୍ଦ୍ର ଜିଲା ଯୁବ ଅଧିକାରୀ ହରିଶ ରୂପାଲ, ବିଦ୍ୟାଳୟର ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ଜେନାଙ୍କ ସମେତ ବହୁ ଅତିଥି ଯୋଗଦେଇ ଏହି ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଦିବସରରେ ବିଦ୍ୟାଳୟ ପରିସର ଓ ଆଖପାଖ ଅଞ୍ଚଳ ଓ ନାଳନର୍ଦ୍ଦମା ସଫେଇ କରିଥିଲେ। ଏଥି ପୂର୍ବରୁ ଏକ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ବିଦ୍ୟାଳୟଠାରୁ ବାହାରି ପୁରୁଣା ଚିକିତ୍ସାଳୟ ଛକ ନିକଟରେ ପହଞ୍ଚିଥିଲା। ଏହାକୁ ବିଦ୍ୟାଳୟର ଅଧ୍ୟକ୍ଷ ଜେନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ରାସ୍ତାକଡ଼ର ସମସ୍ତ ଦୋକାନୀଙ୍କୁ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବା, ସ୍ୱଚ୍ଛ ରହିବା ସହ ଆଖପାଖ ଅଞ୍ଚଳ ସଫା ରଖିବାକୁ ସଚେତନ କରାଯାଇଥିଲା। ଏହାକୁ ଅଭିମନ୍ୟୁ ନାୟକ, ମୃତ୍ୟୁଞ୍ଜୟ ଶତପଥୀ, ସଞ୍ଜୟ ମହାରଣା ଓ ସନ୍ତୋଷ କୁମାର ପାତ୍ର ପ୍ରମୁଖ ଯୁବଗୋଷ୍ଠୀ ଘର ଓ ସହର ସ୍ୱଚ୍ଛ ରଖି ଦେଶକୁ ସ୍ୱଚ୍ଛ ଭାରତ ଓ ସୁସ୍ଥ ଭାରତ ଗଢି ତୋଳିବାକୁ ଶପଥ ନେଇଥିଲେ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ବୋରିଗୁମ୍ମା, ୨।୧୦ (ବିଜୟ ସାହୁ)**

ବୋରିଗୁମ୍ମାସ୍ଥିତ ମିନି ଷ୍ଟାଡିୟମରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଇଓ ସଚିନ କୁମାର ମଲ୍ଲିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ୨୬ ଉଚ୍ଚ ବିଦ୍ୟାଳୟର ୨୧୨ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଚ୍ଚ ବିଦ୍ୟାଳୟର ୧୭ ବର୍ଷର ଓ ୧୪ ବର୍ଷରୁ କମ୍ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ବିନୋଦ ତ୍ରିପାଠୀ, ରାଜକିଶୋର ମହନ୍ତ, ଶ୍ୱେତବସନ୍ତ ଗୌଡ଼, ହରେକୃଷ୍ଣ ଦିଶାରୀ, ଗଣେଶ୍ୱର ତ୍ରିପାଠୀ, ବିନାୟକ ତ୍ରିପାଠୀ, ଦୀପ୍ତିମୟୀ ରାଉତ ଓ ମଧୁମିତା ନାୟକ ଏବଂ ଅନ୍ୟ ଖେଳଶିକ୍ଷକ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ବିଇଓ ମଲ୍ଲିକ ସୂଚନା ଦେଇଛନ୍ତି।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ



ସଫେଇ କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀ।

**ଖଇରପୁଟ, ୨।୧୦ (ଜଗନ୍ନାଥ ମାଝୀ)**

**ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀମାନେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମକରି ସହରବାସୀଙ୍କୁ ସଚେତନ କରିଛନ୍ତି। ଏହିଅବସରରେ ଡାକ୍ତର ସମୀର କୁମାର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହରର ବିଭିନ୍ନ ରାସ୍ତାଘାଟ ସଫା କରାଯିବା ସହ ପରିବେଶ ସୁରକ୍ଷା ପାଇଁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଚାରାରୋପଣ କରାଯାଇଥିଲା। ଶରୀର ସୁସ୍ଥ ରହିବାକୁ ହେଲେ ପରିବେଶର ସ୍ୱଚ୍ଛତା ଅପରିହାର୍ଯ୍ୟ। ସୁସ୍ଥ ପରିବେଶରେ ସୁସ୍ଥ ମାନବ ଶରୀର ଗଠନ ହୋଇଥାଏ। ଏହି କାର୍ଯ୍ୟକ୍ରମକୁ ପ୍ରତ୍ୟେକ ଗ୍ରାମାଞ୍ଚଳରେ କରାଯିବାର ଆବଶ୍ୟକତା ରହିଛି ବୋଲି ଡାକ୍ତର ଦାସ କହିଛନ୍ତି।

# ହୋମିଓପାଥି ଡାକ୍ତର ସଂଘର ଔଷଧ ବିତରଣ

**ମାଲକାନଗିରି, ୨।୧୦ (ଦୁର୍ଯ୍ୟୋଧନ ପାତ୍ର)**

ବରିଷ୍ଠ ନାଗରିକ ଦିବସରେ ମାଲକାନଗିରି ଜିଲାର ହୋମିଓପାଥି ଡାକ୍ତର ସଂଘ ସଭାପତି ବିଜୟ ବିଶ୍ୱାସ ଓ ଅନ୍ୟ ଡାକ୍ତରମାନେ ଏକ ଅଭିନବ ଉପାୟରେ ବରିଷ୍ଠ ନାଗରିକ ଦିବସ ପାଳନ କରଛନ୍ତି। ଏହି ଦିବସରେ ଯେଉଁ ବରିଷ୍ଠ ନାଗରିକମାନେ ପିଲାଦିନରୁ ଆଜି ପର୍ଯ୍ୟନ୍ତ କେବଳ ସାଇକେଲରେ ଯାତାୟାତ କରୁଛନ୍ତି, ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସାଇକେଲରେ ଯାତାୟାତ କରିବା ଦ୍ୱାରା ବରିଷ୍ଠ ନାଗରିକଙ୍କ ଶରୀର କିପରି ନୀରୋଗ ରହିବ ସେ ସମ୍ପର୍କରେ ବୁଝାଇବା ସହ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଥିଲେ। ଏହି ଶିବିରରେ ୬୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ନିଜ ନିଜ ଅଞ୍ଚଳରୁ ସାଇକେଲରେ ଆସିଥିଲେ।

# ପରିବେଶକୁ ସ୍ୱଚ୍ଛ, ସବୁଜ ରଖିବାକୁ ଇଡିଙ୍କ ଆହ୍ୱାନ

**ଦାମନଯୋଡି, ୨।୧୦ (ମାନସ ରଞ୍ଜନ କର)**

ଦାମନଯୋଡି ଟାଉନସିପ ସେକ୍ଟର-୩ସ୍ଥିତ ଗାନ୍ଧୀ ଉଦ୍ୟାନରେ ନାଲକୋ ୱେଲଫେୟାର୍ କମିଟି ପକ୍ଷରୁ ଗାନ୍ଧୀ ଜୟନ୍ତୀ ବୁଧବାର ପାଳନ କରାଯାଇଛି। ନାଲକୋ ଇଡି ଇଂ ନିରଞ୍ଜନ ସାମଲ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ନାଲକୋର ସମୂହ ମହାପ୍ରବନ୍ଧକ, ବରିଷ୍ଠ ଅଧିକାରୀ ଓ ବିଭିନ୍ନ ଶ୍ରମିକ ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ପରିବେଶ ସ୍ୱଚ୍ଛ ରଖିବାକୁ ଆହ୍ୱାନ ଦେବା ସହ ନାଲକୋର କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ସ୍ୱଚ୍ଛତା କିଟ୍ ପ୍ରଦାନ କରାଯାଇଥିଲା। ସେହିପରି ଦାମନଯୋଡି ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ଆଦି ସ୍ଥାନରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଥିଲା।


ଗାନ୍ଧୀ ଉଦ୍ୟାନରେ ଆୟୋଜିତ କାର୍ଯ୍ୟକ୍ରମରେ ନାଲ୍‌କୋ ଇଡିଙ୍କ ସହ ଅଧିକାରୀମାନେ।

# ଲଗାଣ ବର୍ଷାରେ ଶୋଚନୀୟ ରାସ୍ତା, ଯାତାୟାତ ପ୍ରଭାବିତ


ସୁନାବେଡ଼ା ରାସ୍ତା

**ସେମିଳିଗୁଡ଼ା/ସୁନାବେଡ଼ା, ୨।୧୦ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)**

ଲଗାଣ ବର୍ଷା ଯୋଗୁ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ସବୁଠି ରାସ୍ତାଘାଟର ଅବସ୍ଥା ଶୋଚନୀୟ ହୋଇପଡିଛି। ସେମିଳିଗୁଡ଼ା ବ୍ଲକ୍ ଅଞ୍ଚଳରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ରାସ୍ତାର ଅବସ୍ଥା ବେହାଲ ହୋଇପଡିଛି। ବ୍ଲକ୍‌ର ସୁବାଇଠାରୁ ଗୁଣ୍ଡାପୁଟ ଓ କୁନ୍ଦୁଲିକୁ ସଂଯୋଗ କରୁଥିବା ରାସ୍ତାରେ ବଡ ଖାଲ ସୃଷ୍ଟିହେବା ସହ କାଦୁଅ ଭରି ରହିଛି। ରାସ୍ତା ଉପରେ ୮-୧୦ ଗାଁର ଲୋକେ ନିର୍ଭର କରୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗକରି ବ୍ଲକ୍ ପ୍ରଶାସନ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଗାଁ ଲୋକ ଦାବି କରିଛନ୍ତି।

# ରେଲୱେ କୋଲନୀରୁ ଚୋରୀ

**ଲକ୍ଷ୍ମୀପୁର, ୨।୧୦ (ଅନନ୍ତ ନାୟକ)**

ଲକ୍ଷ୍ମୀପୁର ବ୍ଲକ କାକିରୀଗୁମା ରେଳ ଷ୍ଟେସନ ନିକଟସ୍ଥ ରେଲୱେ କଲୋନୀରେ ରେଳ ବିଭାଗ କର୍ମଚାରୀ ପ୍ରଭୁଦାସ ଖରାଙ୍କ ଘରୁ କବାଟ ଭାଙ୍ଗି ଚୋରି ହୋଇଥିବା କାକିରୀ ଗୁମା ଥାନାରେ ଅଭିଯୋଗ ହୋଇଛି। ୮୭/୨୪ରେ ମାମଲା ରୁଜୁ କରି ଥାନା ଅଧିକାରୀ ଡ଼ମ୍ବୁରୁ ଧର ବାତ୍ରିଆ ଓ ସାଇଣ୍ଟିଫିକ ଟିମ୍ ସନ୍ଧାନୀ କୁକୁର ସହାୟତାରେ ଯାଞ୍ଚ କରୁଛନ୍ତି। ପ୍ରଭୁଦାସ ଖରା ପରିବାର ସହ ବାହାରକୁ ଯାଇଥିଲେ। କ୍ୱାଟରରେ କେହି ନ ଥିବା ସୁଯୋଗ ନେଇ ଚୋରମାନେ କବାଟ ଭାଙ୍ଗି ୨ ଭରି ସୁନାଗହଣା ସହ ୧୬ ହଜାର ଟଙ୍କା ଚୋରୀ କରିଥିବା ଅଭିଯୋଗ ହୋଇଛି।

# ଟେମ୍ପରାରି କଲୋନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ସୁରଭି


କାର୍ଯ୍ୟକ୍ରମରେ ପୁରସ୍କୃତ ଛାତ୍ରୀଛାତ୍ର ଓ ଅତିଥି।

**ଚିତ୍ରକୋଣ୍ଡା, ୨।୧୦ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସଦର ବ୍ଲକ ଟେମ୍ପରାରି କଲୋନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ସୁରଭି ବ୍ଲକ ଶିକ୍ଷାଧିକାରୀ ସୁଶ୍ରୀ ଗାୟତ୍ରୀଦେବିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ବିଧାୟକ ପ୍ରତିନିଧି ବିଦେଶୀ ଗୌଡ଼, ମୁଖ୍ୟବକ୍ତା ପ୍ରଫୁଲ୍ଲ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଅଧ୍ୟାପକ ଦିଲୀପ କୁମାର ଓଝା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୃପାସିନ୍ଧୁ ଆମ୍ବଗୁଡିଆ ଓ ହେମନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। କୃତୀ ଛାତ୍ରୀଛାତ୍ର ଜିଲାସ୍ତରୀୟ କାର୍ଯ୍ୟକ୍ରମ ନିମନ୍ତେ ଚୟନ ହୋଇଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ସେଠୀ ପରିଚାଳନା କରିଥିଲେ।

# ୪ରେ ୧୨ ଘଣ୍ଟିଆ ନବରଙ୍ଗପୁର ବନ୍ଦ

**ନରଙ୍ଗପୁର, ୨।୧୦ (ସଦାଶିବ ପ୍ରହରାଜ)**

**ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବନ୍ଦ ଡାକରା**

**ରାଜ୍ୟସ୍ତରୀୟ ନିଯୁକ୍ତି ପ୍ରକ୍ରିୟାକୁ ବିରୋଧ**

ନବରଙ୍ଗପୁର ଜିଲା ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ୪ରେ ୧୨ ଘଣ୍ଟିଆ ନବରଙ୍ଗପୁର ଜିଲା ବନ୍ଦ ଡାକରା ଦିଆଯାଇଛି। ଏ ନେଇ ସ୍ଥାନୀୟ ଭତରା ଭବନରେ ଏକ ଖବରଦାତା ସମ୍ମିଳନୀକରି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜିଲାରେ ଚକ ଅଖ, ଦୋକାନ ବଜାର, ଶିକ୍ଷାନୁଷ୍ଠାନ, ସରକାରୀ ବେସରକାରୀ ପ୍ରତିଷ୍ଠାନ ବନ୍ଦ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ରାଜ୍ୟସ୍ତରୀୟ ନିଯୁକ୍ତି ପ୍ରକ୍ରିୟା ବନ୍ଦକରି ଜିଲାସ୍ତରୀୟ ନିଯୁକ୍ତି ଦେବାକୁ ଦାବି ହୋଇଛି।

ନବରଙ୍ଗପୁରର ଯୁବତୀଯୁବକ ଶିକ୍ଷିତ ହୋଇ ଯୋଗ୍ୟତା ଥାଇ ମଧ୍ୟ ଜିଲାରେ ଗ୍ରୁପ୍ ସି ଏବଂ ଡି ଗ୍ରେଡ୍‌ର ଚାକିରି ପାଇପାରୁନାହାନ୍ତି। ବେକାର ହୋଇ ରହୁଛନ୍ତି। ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଜିଲାରେ ବେକାରି ସମସ୍ୟା ବଢୁଛି। ବିଗତ ଦିନରେ ନବରଙ୍ଗପୁର ଜିଲାର କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ୮୬୦ ଗୋଟି ପଦବୀ ବାହାରିଥିଲା। ସେଥିରୁ ଜିଲାର ୧୩୪ ଜଣ ପ୍ରାର୍ଥୀ ହିଁ ନିଯୁକ୍ତି ପାଇଛନ୍ତି। ବଳକା ୭୨୬ ପିଲା ବାହାର ଜିଲାର। ତେଣୁ ନବରଙ୍ଗପୁର ଜିଲାବାସୀ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏହି ବନ୍ଦ ପାଳନରେ ସାମିଲ ହେବାକୁ ମିଳିତ କ୍ରିୟାନୁଷ୍ଠାନ କମିଟି ଆହ୍ୱାନ ଦେଇଛି। ଦାବି ପୂରଣ ନ ହେଲେ ୫ରୁ ୭ ତାରିଖ ପର୍ଯ୍ୟନ୍ତ ଡିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବା ସହ ଜିଲାରେ କଳାଦିବସ ପାଳନ କରାଯିବ ବୋଲି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ବୁଧବାର ପୂର୍ବାହ୍ନ ୧୦ଟାରୁ ୧ଟା ପର୍ଯ୍ୟନ୍ତ ୩ ଘଣ୍ଟା ନବରଙ୍ଗପୁର ଗାନ୍ଧୀ ଛକ ନିକଟରେ ପାଟିରେ କଳାକନା ବାନ୍ଧି ଜିଲାଭିତ୍ତିକ ନିଯୁକ୍ତି ଦାବି ଓ ରାଜ୍ୟଭିତ୍ତିକ ନିଯୁକ୍ତି ପ୍ରକ୍ରିୟାକୁ ବିରୋଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ପିସିସି ଉପସଭାପତି ମୁନା ତ୍ରିପାଠୀ, ପୂର୍ବତନ ଏମ୍‌ପି ଭଗବାନ ମାଝୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ଭୁଜବଳ ମାଝୀ, କୌଶଲ୍ୟା ପ୍ରଧାନୀ, ଅଖିଳ ଭାରତୀୟ ଅନୁସୂଚିତ ଜାତି ଓ ଜନଜାତି ପରିଷଦର ସଭାପତି ଭଗବାନ ବୈରାଗୀ, ସିରାଜୁଦ୍ଦିନ ଅହମ୍ମଦ, ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ଜିଲା ସମ୍ପାଦକ ରାଜେଶ ଜାନୀ, ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ ସଭାପତି ଅର୍ଜୁନ ଭତରା, ଜନଜାତି ସୁରକ୍ଷା ମଞ୍ଚର ଉପସଭାପତି ରତନ ମାଝୀ, ଦିଲୀପ ପ୍ରଧାନୀ, ଜଗନାଥ ବାଘେଙ୍କ ସମେତ ବିଭିନ୍ନ ସଙ୍ଗଠନ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲା ବନ୍ଦ ସମ୍ପର୍କରେ ସୂଚନା ଦିଆଯାଉଛି।

# ୭୦ ଜଣଙ୍କ ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ଚଳୁ


ଅଭିଯୋଗ କରିବାକୁ ଆସିଥିବା ସରପଞ୍ଚ, ଜିଲା ପରିଷଦ ସଭ୍ୟ ଓ ମାନିଗାଁ ପଞ୍ଚାୟତବାସୀ।

**ନବରଙ୍ଗପୁର/ଡାବୁଗାଁ, ୨।୧୦ (ସଦାଶିବ ପ୍ରହରାଜ/ ପ୍ରଜ୍ଞାରଞ୍ଜନ ପରିଡ଼ା)**

**ଜିଲାପାଳଙ୍କ କାର୍ଯ୍ୟାଳୟ, ଥାନାରେ ସରପଞ୍ଚ, ଜିଲା ପରିଷଦ ସଭ୍ୟ ହିତାଧିକାରୀଙ୍କ ଅଭିଯୋଗ**

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ପାପଡ଼ାହାଣ୍ଡି ବ୍ଲକ ମାନିଗାଁ ପୂର୍ବତନ ସରପଞ୍ଚ ମଞ୍ଜୁଳା ଜାନୀ ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ଆତ୍ମସାତ୍ କରିଥିବା ନେଇ ଅଭିଯୋଗ ହୋଇଛି। ପଞ୍ଚାୟତବାସୀ, ଜିଲା ପରିଷଦ ଜୋନ୍-୧ ସଭ୍ୟ ଯଶୋବନ୍ତ ନାୟକ ଓ ବର୍ତ୍ତମାନର ସରପଞ୍ଚ ଶୁକଦେବ ମାଝୀ ଏ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ପୂର୍ବତନ ସରପଞ୍ଚ ହରିଶ୍ଚନ୍ଦ୍ର ଯୋଜନା ଅନୁଦାନ ଟଙ୍କା ହଡ଼ପ କରିଥିବା ନେଇ ଏକ ଅଭିଯୋଗ ପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକଙ୍କୁ ସରପଞ୍ଚ ପ୍ରଦାନ କରିଛନ୍ତି। ଅଭିଯୋଗର ତଦନ୍ତ ହେବ। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି। ଏହାର ଏକ ନକଲ ପାପଡ଼ାହାଣ୍ଡି ବିଡିଓଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଏ ନେଇ ଡାବୁଗାଁ ଥାନାରେ ମଧ୍ୟ ଅଭିଯୋଗ ହୋଇଛି। ଥାନା କେସ୍ ନଂ ୧୭୯/୨୪ ରେ ଏକ ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ ଆରମ୍ଭ ହୋଇଛି ବୋଲି ଡାବୁଗାଁ ଆଇଆଇସି ସୁନୀଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

ପାପଡ଼ାହାଣ୍ଡି ବ୍ଲକ୍ ମାନିଗାଁ ପଞ୍ଚାୟତରେ ମଞ୍ଜୁଳା ୨୦୧୭ରୁ ୨୦୨୨ ମଧ୍ୟରେ ସରପଞ୍ଚ ଥିଲେ। ଏହି ସମୟରେ ପଞ୍ଚାୟତ ପିଡିଏସ୍ ଆକାଉଣ୍ଟରୁ ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ପର୍ଯ୍ୟାୟକ୍ରମେ ୪ଟି କିସ୍ତିରେ ୧ ଲକ୍ଷ ୪୦ ହଜାର ଟଙ୍କା ଉଠାଯାଇଥିଲା। ଏହି ଟଙ୍କା କିନ୍ତୁ ତତ୍କାଳୀନ ସରପଞ୍ଚ ହିତାଧିକାରୀଙ୍କୁ ଦେଇ ନ ଥିଲେ। ୨୦୨୨ ଏପ୍ରିଲରେ ଶୁକଦେବ ମାନିଗାଁ ସରପଞ୍ଚ ନିର୍ବାଚିତ ହୋଇଥିଲେ। ଏହାପରେ ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ପାଇବାକୁ ଥିବା ହିତାଧିକାରୀ ତାଙ୍କୁ ମାଗିଥିଲେ। ପୂର୍ବତନ ସରପଞ୍ଚଙ୍କ କାର୍ଯ୍ୟକାଳ ସମୟରେ ମୃତ୍ୟୁବରଣ କରିଥିବା ପରିବାରବର୍ଗଙ୍କୁ ସହାୟତା ପ୍ରଦାନ କରାଯାଇପାରିବ ନାହିଁ ବୋଲି ସରପଞ୍ଚ ଶୁକଦେବ କହିଥିଲେ। ବାରମ୍ବାର ଲୋକେ ଟଙ୍କା ମାଗିବାରୁ ସେ ଘଟଣାର ତଦନ୍ତ କରିଥିଲେ। ମଞ୍ଜୁଳା ପିଡିଏସ୍ ଆକାଉଣ୍ଟରୁ ୨୦୧୮ ସେପ୍ଟେମ୍ବର ୭ରୁ ୨୦୧୯ ଅଗଷ୍ଟ ୩୦ ମଧ୍ୟରେ ୪ଟି ପର୍ଯ୍ୟାୟରେ ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ଉଠାଇଛନ୍ତି। ସେହି ଅର୍ଥକୁ ହିତାଧିକାରୀଙ୍କୁ ଦେଇ ନ ଥିବା ଜାଣିବାକୁ ପାଇଥିଲେ। ଏହାପରେ ବୁଧବାର ମାନିଗାଁ ସରପଞ୍ଚ, ଜିଲା ପରିଷଦ ସଭ୍ୟ ଓ ୨ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ଓ ହିତାଧିକାରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଘଟଣା ସମ୍ପର୍କରେ ଜଣାଇଥିଲେ। ୨୦୧୭ରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। କିନ୍ତୁ ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ମିଳିଲା ନାହିଁ ବୋଲି ରାଉଳିଗୁଡା ଗାଁର ଘାସିରାମ ଜାନୀ ଅଭିଯୋଗ କରିଛନ୍ତି। ସେହିଭଳି ଉକ୍ତ ଗାଁର ପ୍ରଶାନ୍ତ ହରିଜନଙ୍କ କହିବା ଅନୁଯାୟୀ, ଜେଜେବାପା ଦୀନବନ୍ଧୁ ହରିଜନ ୨୦୧୯ ଓ ଜେଜେ ମାଆ ସେବତୀଙ୍କ ୨୦୨୦ରେ ମୃତ୍ୟୁ ହୋଇଥିଲା। ଏବେଯାଏ କିନ୍ତୁ ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ମିଳିଲା ନାହିଁ। ଏହିଭଳି ଅନେକ ଲୋକ ମୃତଦେହ ସତ୍କାର ସହାୟତା ଟଙ୍କା ପାଇବାରୁ ବଞ୍ଚିତ ବୋଲି ଅଭିଯୋଗ କରିଛନ୍ତି।

